


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ସୋମବାର ୧୭ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 17 November 2025
Vol.No. 36 ■ No.302 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଦଳରେ ଥିବା ବିଭୀଷଣମାନଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ : ପିସିସି ସଭାପତି



ଭୁବନେଶ୍ୱର, ୧୬/୧୧ (ନି.ପ୍ର): ନୂଆପଡ଼ା ଜନାଦେଶକୁ ନେଇ ପିସିସି ସଭାପତି ଭକ୍ତ ଦାସ ଦେଇଛନ୍ତି ବଡ଼ ବୟାନ । କହିଛନ୍ତି, ଆତ୍ମସମୀକ୍ଷା ପରେ ଦଳରେ ଥିବା ବିଭୀଷଣମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସବୁ ଦଳରେ ବିଭୀଷଣ ରହିଥିବା ବେଳେ ଆମ ଦଳରେ ମଧ ଏଭଳି କିଛି ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନେ ନିର୍ବାଚନରେ ଆମ ପରାଜୟର କାରଣ । ତେବେ ଆତ୍ମ ସମୀକ୍ଷା ପରେ ଏମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାରୀ କଳ ଏବଂ ଅର୍ଥବଳ ବ୍ୟବହାର ପରେ ବି ଆମେ ୪୦ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛୁ । ତଥାପି ଦଳ ଆତ୍ମସମୀକ୍ଷା କରିବ, ପ୍ରତ୍ୟେକ କାରଣକୁ ନେଇ ଦଳୀୟ ଫୋରମରେ ଆଲୋଚନା କରାଯିବ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଜାଣିରଖିବା ଉଚିତ ଯେ, ନୂଆପଡ଼ା ଉପ-ନିର୍ବାଚନ ଫଳାଫଳରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି । କଂଗ୍ରେସର ପ୍ରାର୍ଥୀ ଘାସିରାମ ମାଝୀ ବିଜେଡି ପ୍ରାର୍ଥୀଙ୍କଠାରୁ ଆଗରେ ରହିଛନ୍ତି । ହେଲେ ତା ପରେ ବି ବିଜେପି ପ୍ରାର୍ଥୀ ଉଭୟ ବିଜେଡି ଆଉ କଂଗ୍ରେସକୁ ବହୁ ପଛରେ ପକାଇ ବିଜୟୀ ହେଇଛନ୍ତି । ଆଉ ନୂଆପଡ଼ାରେ କଂଗ୍ରେସର ଏହି ପରାଜୟ ପରେ, ଭକ୍ତଙ୍କ ଏହି ବିଭୀଷଣ ଉପାଖ୍ୟାନ ଏବେ ଚର୍ଚ୍ଚାରେ ରହିଛି। ସୂଚନାଯୋଗ୍ୟ ଯେ, ନୂଆପଡ଼ାରେ ଗତ ସାଧାରଣ ନିର୍ବାଚନ ବେଳେ ଘାସିରାମ ମାଝୀ ସ୍ୱାଧୀନ ଭାବେ ଠିଆ ହୋଇ ୫୦ ହଜାରରୁ ଅଧିକ ଭୋଟ୍ ପାଇଥିଲେ । ହେଲେ ଏଥର କଂଗ୍ରେସ ଟିକେଟରୁ ଠିଆ ହୋଇଥିଲେ ବି ତାଙ୍କୁ ୪୦ ହଜାର ଭୋଟ୍ ମିଳିଛି । ସେହିପରି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମିଳିଛି ୩୮ ହଜାର ଭୋଟ୍ ।

## ଗୁମ୍ଫାରୁ ବିପୁଳ ପରିମାଣର ବିସ୍ଫୋରକ ଜବତ

ମାଲକାନଗିର, ୧୬/୧୧ (ନି.ପ୍ର): ପୋଲିସ ଓ ବିଏସଏଫକୁ ମିଳିଛି ସଫଳତା। ଏକ ଗୁମ୍ଫାରୁ ମାଓବାଦୀ ଲୁଚାଇ ରଖିଥିବା ବିସ୍ଫୋରକ ଜବତ କରାଯାଇଛି। କାଲିମେଳା ଥାନା ଅନ୍ତର୍ଗତ ଦୁଲାଗୁଣ୍ଡି ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ଏହି ବିସ୍ଫୋରକ ସାମଗ୍ରୀକୁ ଜବତ କରିଛି ପୋଲିସ। ଗୁମ୍ଫାରୁ ଗୋଟିଏ ବନ୍ଧୁକ, ଜୀବନ୍ତ ଗୁଳି, ଜିଲେଟିନ ଷ୍ଟିକ୍, ଲ୍ୟାଣ୍ଡ ମାଇନ ଜବତ କରାଯାଇଥିବା ସୂଚନା ମିଳିଛି ।

## ଡିସେମ୍ବର ଶେଷ ସପ୍ତାହରୁ ଭୁବନେଶ୍ୱରରେ ଆରମ୍ଭ ହେବ ପଥୋତ୍ସବ

ଭୁବନେଶ୍ୱର, ୧୬/୧୧ (ନି.ପ୍ର):- ଡିସେମ୍ବର ଶେଷ ସପ୍ତାହରୁ ଭୁବନେଶ୍ୱରରେ ଆରମ୍ଭ ହେବ ପଥୋତ୍ସବ । ଶୀତୁଆ ସକାଳରେ ରାସ୍ତା ଉପରେ ମଉଜ କରିବେ ଭୁବନେଶ୍ୱରବାସୀ । ଏନେଇ ସୂଚନା ଦେଇଛନ୍ତି ବିଏମସି କମିଶନର ଚଂଚଲ୍ ରାଣା । ଡିସେମ୍ବର ଶେଷ ସପ୍ତାହରୁ ଆରମ୍ଭ ହେବ ପଥୋତ୍ସବ। ଡିସେମ୍ବର ଶେଷ ସପ୍ତାହ ଏବଂ ଜାନୁଆରୀ ମାସର ପ୍ରଥମ ଦୁଇଟା ସପ୍ତାହ ନିଆରା କାର୍ଯ୍ୟକ୍ରମ ହେବ । ତିନୋଟି ଜୋନରେ ଗୋଟିଏ ଲେଖାଏଁ ପଥୋତ୍ସବର ଆୟୋଜନ କରିବା ନେଇ ବିଏମସି ପ୍ରସ୍ତୁତି ଆରମ୍ଭ କରିଛି। ରବିବାର ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ପଥୋତ୍ସବର ଆୟୋଜନ କରାଯିବ। ନାଚ, ଗୀତ ସାଙ୍ଗକୁ ପେଂଟିଂ, ସ୍କେଟିଂ ଏବଂ ବିଭିନ୍ନ ଆକ୍ଟିଭିଟିର ଆୟୋଜନ କରିବ ବିଏମସି।

## ୧୮ରୁ କମିବ ପୁଣି ୩୦ରୁ ବଢ଼ିବ ଶୀତ



ଭୁବନେଶ୍ୱର, ୧୬/୧୧ (ନି.ପ୍ର): କେଉଁଦିନ ଶୀତ କମିବ ତ କେଉଁଦିନ ପୁଣି ଦାନ୍ତକାମୁଡ଼ା ଶୀତ଼ ଜନଜୀବନକୁ ଅସ୍ତବ୍ୟସ୍ତ କରାଇବ, ଏଭଳି କିଛି ପୂର୍ବାନୁମାନ କରି ରାଜ୍ୟବାସୀଙ୍କୁ ଆଗୁଆ ସତର୍କ କରାଇଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ ଶରତ ଚନ୍ଦ୍ର ସାହୁ । ଏବେ ଥଣ୍ଡାରେ ଥରୁଛି ସାରା ରାଜ୍ୟ । ଶୀତ଼ରେ ଜଡ଼ସଡ଼ ହେଉଛି ଜୀବନ । ପାରଦ ତଳମୁହାଁ ହେବା ସାଙ୍ଗକୁ ବଢୁଛି ଶୀତର ପ୍ରକୋପ । ଉପକୂଳ, ପଶ୍ଚିମ, ଦକ୍ଷିଣ ଓଡ଼ିଶା ସବୁଠି ବଢିଲାଣି ଥଣ୍ଡା । କନ୍ଧମାଳ ଜିଲ୍ଲାରେ ୧୦ ଡିଗ୍ରୀ ତଳେ ପାରଦ ରହୁଥିବା ବେଳେ ଘନ କୁହୁଡି ସକାଳ ୯ଟା ପର୍ଯ୍ୟନ୍ତ ଛାଡିବାର ନା ଧରୁନି । ଏପଟେ ଆସନ୍ତା ୩୦ ତାରିଖ ପରଠୁ ଶୀତର ପ୍ରକୋପ ଆହୁରି ବଢ଼ିପାରେ, ତେଣୁ ଏହି ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ । ବର୍ତ୍ତମାନ କିନ୍ତୁ ସଞ୍ଜ ନଇଁବା ମାତ୍ରକେ ବଢୁଛି ଥଣ୍ଡା। ଜନଗହଳିପୂର୍ଣ୍ଣ ରାସ୍ତା ଖାଁ ଖାଁ ହୋଇପଡୁଛି । ଉପକୂଳ, ପଶ୍ଚିମ, ଦକ୍ଷିଣ ଓଡ଼ିଶା ସବୁଠି ବଢିଲାଣି ଥଣ୍ଡା । କନ୍ଧମାଳ ଜିଲ୍ଲାରେ ୧୦ ଡିଗ୍ରୀ ତଳେ ପାରଦ ରହୁଥିବା ବେଳେ ଘନ କୁହୁଡି ସକାଳ ୯ଟା ପର୍ଯ୍ୟନ୍ତ ଛାଡିବାର ନା ଧରୁନି । ଓଡିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରହିଛି । ବାଲିଗୁଡ଼ା, ଜି.ଉଦୟଗିରି, ରାଇକିଆ, ଟିକାବାଲି, ତୁମୁଡ଼ିବନ୍ଧ, କୋଟଗଡ ସମେତ ବିଭିନ୍ନ ଅଞ୍ଚଳରେ ଦିନ ତମାମ କୋହଲା ପବନ ସାଙ୍ଗକୁ ଥଣ୍ଡା ଅନୁଭୂତ ହେଉଛି । ଲୋକେ କାଠ ଜାଳି ନିଆଁର ସାହାରା ନେଉଛନ୍ତି । ଗଜପତି ଜିଲ୍ଲା ମୋହନା ଅଞ୍ଚଳରେ ମଧ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ପାରଦ ଖସୁଥିବା ବେଳେ ଘନ କୁହୁଡି ଲାଗି ରହିଛି ।

## ରୋଗୀ ଦେଖୁଦେଖୁ ଚାଲିଗଲା ଜୀବନ: ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ପାଲ୍‌ଙ୍କ ଅକାଳ ଦେହାନ୍ତ



ନୀଳଗିରି- ୧୬/୧୧(ନି.ପ୍ର) ସଂସାରରେ ଯିଏ ଜନ୍ମ ନେଇଛି ସମସ୍ତଙ୍କୁ ସଂସାର ଛାଡ଼ିବାକୁ ପଡ଼ିବ, ଏ ହେଉଛି ଧ୍ରୁବ ସତ୍ୟ। ଧନୀ , ଗରିବ, ରୋଗୀ ଭୋଗି ସମସ୍ତେ ଧରାଧାମରୁ ବିଦାୟ ନେବେ। ମାତ୍ର ରୋଗୀ ସେବା କରୁକରୁ ଦ୍ୱିତୀୟ ଭଗବାନଙ୍କ ଅବତାର କୁହାଯାଉଥିବା ଜଣେ ଡାକ୍ତରଙ୍କର ମୃତ୍ୟୁକୁ ନେଇ ସ୍ତମ୍ଭିଭୂତ ସମଗ୍ର ଅଞ୍ଚଳ। ଏପରି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ। ଡିଉଟି କରିବାକୁ ଆସିଥିଲେ ଡାକ୍ତରବାବୁ। ରୋଗୀ ଦେଖୁ ଦେଖୁ ହୃଦଘାତରେ ଚାଲିଗଲା ଜୀବନ । ନୀଳଗିରି ଉପଖଣ୍ଡର ଡାକ୍ତରଖାନାର କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଓ ରକ୍ତଭଣ୍ଡାର ଅଧିକାରୀ ଡଃ ତ୍ରିନାଥ ପାଲ ସକାଳ ୮ଟାରେ ଓପିଡିରେ ଡିଉଟି କରିବାସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ୱାସ୍ ରୁମକୁ ଯାଇ ମୁହଁହାତ ଧୋଇ ବିଶ୍ରାମନେବାକୁ ଚେଷ୍ଟା କରୁଥିବାବେଳେ ଅତ୍ୟଧିକ ଛାତି ଯନ୍ତ୍ରଣା ହେବାରୁ ସେଇ ୱାସରୁମ ଭିତରେ ରହିଯାଇଥିଲେ। ୱାସ ରୁମରୁ ଦୀର୍ଘସମୟ ନବାହାରିବା ଦେଖି ଡ୍ୟୁଟିରତ ଜଣେ ସିକ୍ୟୁରିଟି ଗାର୍ଡ ଅନ୍ୟ କର୍ମଚାରୀ ଓ ଡାକ୍ତରମାନଙ୍କୁ ଖବର ଦେବାପରେ ଡ଼ାକ୍ତର ପାଲଙ୍କୁ ବାହାରକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଶ୍ରୀ ପାଲଙ୍କୁ ମୁହଁରେ ଅକ୍ସିଜେନ ଲଗାଇ ପ୍ରାଥମିକ ଚିକିତ୍ସା କରିବାପରେ ୧୦୮ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଫକୀର ମୋହନ ମେଡିକାଲକୁ ନେଉଥିବା ବେଳେ ଆମ୍ବୁଡ଼ିହା ନିକଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ପରେ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ।ଡାକ୍ତର ଶ୍ରୀ ପାଲଙ୍କ ମୃତ୍ୟୁରେ ଏଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ପାଲ ଜଣେ ମେଳାପି, ରୋଗୀ ବତ୍ସଳ ଡାକ୍ତର ଥିଲେ। ତାଙ୍କର ଅକାଳ ମୃତ୍ୟୁ ପାଇଁ ନୀଳଗିରି ଡାକ୍ତରଖାନାରେ ଏକ ପ୍ରକାର ଅପୂରଣୀୟ କ୍ଷତି ଘଟିଛି। ଉକ୍ତ ଡାକ୍ତରଖାନାରେ ରୋଗୀସେବା କରିବା ପାଇଁ ଡାକ୍ତର ଅଭାବ ଥିବାବେଳେ ଡାକ୍ତର ଶ୍ରୀ ପାଲଙ୍କ ମୃତ୍ୟୁ ରୋଗୀସେବା ସହିତ ରକ୍ତଭଣ୍ଡାର ଦାୟିତ୍ୱରେ ଥିବାରୁ ଘୋର ଆସୁବିଧା ସୃଷ୍ଟି କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଡାକ୍ତରଖାନାରେ ପହଞ୍ଚି ସମବେଦନା ଜଣାଇବା ସହ ପରିବାର ବର୍ଗଙ୍କୁ ଏହି ଦୁଃଖଦ ସମୟରେ ଭଗବାନ ଶକ୍ତିସାମର୍ଥ୍ୟ ଦିଅନ୍ତୁ ବୋଲି ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି।

## ଆରମ୍ଭ ହେଲା ବାଘ ଗଣନା: ଫୋକସ୍‌ରେ ଶିମିଳିପାଳ



ଭୁବନେଶ୍ୱର, ୧୬/୧୧ (ନି.ପ୍ର): ଚଳିତ ଥର ବାଘ ସଂଖ୍ୟା ବୃଦ୍ଧିକୁ ନେଇ ବେଶ ଆଶାବାଦୀ ଶିମିଳିପାଳ କର୍ତ୍ତୃପକ୍ଷ । କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଓ ଏନ୍‌ଟିସିଏର ନିର୍ଦ୍ଦେଶ କ୍ରମେ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ ପକ୍ଷରୁ ଶିମିଳିପାଳରେ ଆରମ୍ଭ ହୋଇଛି ବାଘ ଗଣନା । ଶିମିଳିପାଳରେ ଆରମ୍ଭ ହୋଇଛି ବାଘ ଗଣନା । ତାଲିମପ୍ରାପ୍ତ ଗ୍ରୁପ୍ ଏହି ବିଭିନ୍ନ ଉପାୟରେ ଏହି ଗଣନା କରୁଛନ୍ତି । ଚଳିତ ଥର ବାଘ ସଂଖ୍ୟା ବୃଦ୍ଧିକୁ ନେଇ ବେଶ ଆଶାବାଦୀ ଶିମିଳିପାଳ କର୍ତ୍ତୃପକ୍ଷ । କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଓ ଏନ୍‌ଟିସିଏର ନିର୍ଦ୍ଦେଶ କ୍ରମେ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ ପକ୍ଷରୁ ଶିମିଳିପାଳରେ ଆରମ୍ଭ ହୋଇଛି ବାଘ ଗଣନା । ତାଲିମପ୍ରାପ୍ତ ଗ୍ରୁପ୍ ଜଙ୍ଗଲରେ ବୁଲି ବାଘ ପଞ୍ଝାଚିହ୍ନକୁ ଦେଖି ଗଣନା କରୁଛନ୍ତି । ଏହାସହ ୧୫୦୦ କ୍ୟାମେରାର ଭିଡିଓ ଫୁଟେଜକୁ ବିଶ୍ଳେଷଣ କରି ଗଣନା କରାଯିବ । ବାଘ ମଳତ୍ୟାଗ କରିଥିବା ସ୍ଥାନରୁ ସାମ୍ପୁଲ୍ ନେଇ ଟେଷ୍ଟ ପରେ ଗଣନାରେ ତଥ୍ୟ ଯୋଡ଼ାଯିବ । ପୂରା ପ୍ରକ୍ରିୟାରେ ତାଲିମପ୍ରାପ୍ତ ୧୦୩ ଗ୍ରୁପ୍ ନିୟୋଜିତ ଅଛନ୍ତି । ଦୁଇଟି ପର୍ଯ୍ୟାୟରେ ଶିମିଳିପାଳରେ ବାଘ ଗଣନା ହେବ। ପ୍ରଥମ ପର୍ଯ୍ୟାୟ ନଭେମ୍ବର ୨୨ ଯାଏଁ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ ଡିସେମ୍ବର ୧ରୁ ଆରମ୍ଭ ହେବ । ଗଣନା ବେଳେ ବାଘ ସଂଖ୍ୟା ସହ ବାଘ ଖାଉଥିବା ହରିଣ ସମ୍ବର, କୁଟୁରା ଛୋଟ ଛୋଟ ପ୍ରାଣୀଙ୍କ ସଂଖ୍ୟା ଉପରେ ମଧ ନଜର ରଖାଯିବ । ୨୦୧୮ ବାଘ ଗଣନା ଅନୁଯାୟୀ, ଓଡ଼ିଶାରେ ୨୮ଟି ବାଘ ଥିଲେ । ୨୦୨୨ରେ ଶିମିଳିପାଳରେ ୧୮ରୁ ୨୨ଟି ପ୍ରାପ୍ତବୟସ୍କ ବାଘ ରହିଥିବା ଏନ୍‌ଟିସିଏ ତଥ୍ୟ ଦେଇଥିଲା । ୨୦୨୪ରେ ରାଜ୍ୟ ସରକାର ପୁଣି ବାଘ ଗଣନା କରାଇଥିବା ବେଳେ ଶିମିଳିପାଳରେ ୨୭ଟି ପ୍ରାପ୍ତବୟସ୍କ ଓ ୮ଟି ଛୁଆବାଘ ଥିବା ସ୍ପଷ୍ଟ ହୋଇଥିଲା । ଏଥର ବାଘ ସଂଖ୍ୟା ବୃଦ୍ଧି ନେଇ ଶିମିଳିପାଳ କର୍ତ୍ତୃପକ୍ଷ ବେଶ୍ ଆଶାବାଦୀ ଅଛନ୍ତି ।

## ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ୧୦୦ କୋଟି ମଞ୍ଜୁର

## ବଳଦେବ ଜିଉ ମନ୍ଦିର ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବ୍ୟାପୀ କରାଯିବ : ପୃଥ୍ୱୀରାଜ ହରିଚନ୍ଦନ



କେନ୍ଦ୍ରାପଡ଼ା, ୧୬ /୧୧: (ନି.ପ୍ର)) – କେନ୍ଦ୍ରାପଡ଼ାର ଆରାଧ ଦେବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ମଞ୍ଜୁର କରିଥିବା ଜଣାପଡିଛି। ଆଜି ପ୍ରକଳ୍ପ ସମୀକ୍ଷା ବୈଠକରେ ଆଇନମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଏହା ଘୋଷଣା କରିବା ସହ ଖୁବଶିଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ନବକୃଷ୍ଣ ଜେନା, ଦେବୋତର କମିଶନର ଲଲାଟେନ୍ଦୁ ଜେନା, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସେବାୟତ ପ୍ରତିନିଧି ନୃସିଂହ ପ୍ରସାଦ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପରେ ମୁଖ୍ୟ ମନ୍ଦିରର ଆବଶ୍ୟକ ମରାମତି ଓ ପାରିପାର୍ଶ୍ୱିକ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ସିନ୍ଦୁକ ଘର, ପୁଷ୍କରିଣୀର ଉନ୍ନତିକରଣ ପ୍ରଭୃତିକୁ ନେଇ କିପରି ପଦକ୍ଷେପ ନିଆଯାଇ ପାରିବ ସେନେଇ ପ୍ରସ୍ତାବିତ ତ୍ରିଡି ନକ୍ସାର ତର୍ଜମା କରାଯାଇ ଥିଲା । ଏହାସହ ମାଉସୀ ମା ମନ୍ଦିରର ଉନ୍ନତିକରଣ, ପାର୍କିଂ ସ୍ଥଳ, ରଥ ଖଳା, ଯାତ୍ରୀ ନିବାସ, ଭେଗ ଦୋକାନ, ପୋଲିସ କଣ୍ଟ୍ରୋଲ ରୁମ ଆଦିର ଆଧୁନିକିକରଣ ବାବଦରେ ମଧ ବିସ୍ତୃତ ଭାବେ ଆଲେଚନା କରା ଯାଇଥିଲା । ଏନେଇ ବିସ୍ତୃତ ପ୍ଲାନ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ମନ୍ତ୍ରୀଙ୍କର ଏହି ଘୋଷଣା ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳାଇ ଦେବା ସହ ଏଥିପାଇଁ



ସାଂସଦ ଶ୍ରୀ ପଣ୍ଡାଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାମ୍ମୁ ଓ କାଶ୍ମୀରର ନୌଗାମ ପୋଲିସ ଷ୍ଟେସନ ନିକଟରେ ବିସ୍ଫୋରଣ ସ୍ଥାନକୁ ତଦନ୍ତ ପାଇଁ ସିଲ୍ କଲା ଏଫଏସଏଲ



ଶ୍ରୀନଗର, ୧୬ /୧୧: ଫରେନସିକ୍ ସାଇନ୍ସ ଲାବୋରେଟୋରୀ (ଏଫଏସଏଲ) ଟିମ୍ ଏବଂ ସୁରକ୍ଷା ବାହିନୀ ଶ୍ରୀନଗରର ନୌଗାମ ପୋଲିସ ଷ୍ଟେସନ ଚାରିପାଖ ଅଂଚଳକୁ ସିଲ୍ କରିଛନ୍ତି। ଦୁର୍ଘଟଣାଜନିତ ବିସ୍ଫୋରଣରେ ନଅ ଜଣଙ୍କ ମୃତ୍ୟୁ ଏବଂ ୩୨ ଜଣ ଆହତ ହୋଇଥିବା ଘଟଣାର ତଦନ୍ତ ଚାଲିଛି। ସୁରକ୍ଷା କର୍ମୀ ଏବଂ ଫରେନସିକ୍ ବିଶେଷଜ୍ଞ ପ୍ରମାଣ ସଂଗ୍ରହ କରିବା ପାଇଁ ଘଟଣାସ୍ଥଳରେ ପହଂଚିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ନୌଗାମ ପୋଲିସ ଷ୍ଟେସନ ଭିତରେ ଏକ ଦୁର୍ଘଟଣାଜନିତ ବିସ୍ଫୋରଣରେ ନଅ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି, ଯାହା ଦ୍ୱାରା ନିକଟବର୍ତୀ ଏକ କୋଠାକୁ ବ୍ୟାପକ କ୍ଷତି ହୋଇଛି। ଆହତମାନଙ୍କୁ ଶ୍ରୀନଗରର ଶ୍ରୀ ମହାରାଜା ହରି ସିଂହ ହସ୍ପିଟାଲ (ଏସଏମଏଚଏସ)ରେ ଭର୍ତ୍ତି କରାଯାଇଛି। ଜମ୍ମୁ ଓ କାଶ୍ମୀର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ନଳିନ ପ୍ରଭାତ ଶନିବାର ଜୋର୍ ଦେଇ କହିଛନ୍ତି ଯେ, ଘଟଣା ବିଷୟରେ କୌଣସି ଅନୁମାନ ଅନାବଶ୍ୟକ, କାରଣ ପ୍ରାଥମିକ ଫଳାଫଳ ସୂଚାଇଥାଏ ଯେ ବାଧ୍ୟତାମୂଳକ ଫରେନସିକ୍ ପ୍ରକ୍ରିୟା ସମୟରେ ଏକ ଅନିଚ୍ଛାକୃତ ବିସ୍ଫୋରଣ ଘଟିଥିଲା।

## ଟାୟାର ଦୋକାନରେ ଅଗ୍ନିକାଣ୍ଡ

ବାରିପଦା, ୧୬/୧୧ (ନି.ପ୍ର): – ବାରିପଦା ସହରର ମଧୁବନ ଅଂଚଳରେ ଏକ ଟାୟାର ଦୋକାନରେ ଅଗ୍ନିକାଣ୍ଡ ହୋଇଛି। ତେବେ ଅଳ୍ପକେ ନିଆଁ ବ୍ୟାପିବାରୁ ବର୍ତି ଯାଇଛି। ମଧୁବନ ମିନି ଷ୍ଟାଡିୟମ ନିକଟରେ ଉକ୍ତ ଟାୟାର ଦୋକାନରେ ଅଗ୍ନିକାଣ୍ଡ ହୋଇଛି। ରବିବାର ଅପରାହ୍ନ ସମୟରେ ଘଟଣା ଘଟିଛି। ଏହି ଦୋକାନଟି ସ୍ଥାନୀୟ ଅଂଚଳର ବାପି କୁଇଲାଙ୍କ ବୋଲି ଜଣାପଡିଛି। କୋଣସି କାରଣ ପାଇଁ ଅଗ୍ନିକାଣ୍ଡ ଘଟିଥିବା ବେଳେ ତାହା ଧୀରେ ଧୀରେ ବ୍ୟାପିଥିଲା। ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଦୋକାନଟି ସମ୍ପୂର୍ଣ ଜଳି ପୋଡି ପାଉଁଶ ହୋଇଯାଇଛି। ତେବେ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି।

## ବିଭୀଷଣ ସଂଖ୍ୟା ଆମ ଦଳରେ ନଗଣ୍ୟ : ଦେବୀ ମିଶ୍ର

ଭୁବନେଶ୍ୱର, ୧୬/୧୧ (ନି.ପ୍ର):- ବିଭୀଷଣ ସବୁଠି ଥାଆନ୍ତି। ଆମ ଦଳରେ ସେମିତି କିଏ ଟିକେ ଉଣା କିଏ ଟିକେ ଅଧିକ କାମ କରିଥିବେ । ବିଭୀଷଣ ସଂଖ୍ୟା ଆମ ଦଳରେ ନଗଣ୍ୟ ବୋଲି କହିଛନ୍ତି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ମିଶ୍ର । ସବୁର ସମୀକ୍ଷା କରିବେ ଦଳ ସଭାପତି । କିନ୍ତୁ ପ୍ରାର୍ଥୀ ଚୟନ ଦଳର ନିଷ୍ପତ୍ତି ଥିଲା । ତାକୁ ସମସ୍ତେ ମାନିଛନ୍ତି । ଯାହା ଯାହା ଠାରୁ ମତ ନେବା କଥା ନିଆଯାଇଛି।

### କ୍ରିଷ୍ଣା ଆଚାର୍ଯ୍ୟ ସମ୍ମାନ-୨୦୨୫
# ଶିକ୍ଷକମାନେ ସମାଜ ଗଠନର ମୂଳଭିତ୍ତି



ଭୁବନେଶ୍ୱର,୧୭/୧୧(ନି.ପ୍ର) : ଭୁବନେଶ୍ୱର ଉପକଣ୍ଠ ମଳିପଡା ସ୍ଥିତ ଶ୍ରୀ କ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ କ୍ରିଷ୍ଣା ଆଚାର୍ଯ୍ୟ ସମ୍ମାନ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ ଶିକ୍ଷକମାନେ ଭଲ ଶିକ୍ଷାଦାନ କରିବା ସହିତ ସୁସଙ୍ଗଠିତ ବାତାବରଣ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଉପାୟୁକ୍ତ ଡ. ଦୁଃସାଶନ ଓଝା ଯୋଗଦେଇ ଶିକ୍ଷକମାନେ ସମାଜ ଗଠନର ମୂଳଭିତ୍ତି, ଶିକ୍ଷାଜଗତକୁ ଅଲୋକିତ କରିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଅଶୋକ କୁମାର ରଥ ସ୍କୁଲର ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ପବିତ୍ର ରାଉତରାୟ କ୍ରିଷ୍ଣା ଆଚାର୍ଯ୍ୟ ସମ୍ମାନର ମହତ୍ତ୍ୱ ଓ ଏହାର ଲକ୍ଷ ଉପରେ ଆଲୋକପାତ କରିଥିଲେ। ଗୁରୁମାନେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଥମେ ଶୃଙ୍ଖଳା ଜ୍ଞାନ ଶିଖାଇବା ସହିତ ଚରିତ୍ର ଗଠନ କରି ଶିକ୍ଷିତ କରିଥାନ୍ତି। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟ ମାନଙ୍କରୁ ଆସିଥିବା ଶିକ୍ଷକ ମାନଙ୍କୁ କ୍ରିଷ୍ଣା ଆଚାର୍ଯ୍ୟ ସମ୍ମାନ-୨୦୨୫ ଏବଂ ଜଣେ ଛାତ୍ରଙ୍କୁ ଏକଲବ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷା ନମ୍ରତା ସିଂ ସ୍ୱାଗତ ଭାଷଣ ଦେଇଥିଲାବେଳେ ଉପାଧ୍ୟକ୍ଷ କବୀନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିତ୍ୟକ୍ତ କୂଅରେ ପଡ଼ିଥିବା ହାତୀଛୁଆ ଉଦ୍ଧାର

ବଲାଙ୍ଗିର,୧୭/୧୧(ନି.ପ୍ର) : ପରିତ୍ୟକ୍ତ କୂଅରେ ପଡ଼ିଥିବା ହାତୀ ଛୁଆ ଠାବ ହୋଇଛି । ମୁରିବହାଲ ରେଞ୍ଜର ଘୁଡ଼ିଘାଟ ପଂଚାୟତ ଅନ୍ତର୍ଗତ ଲତାସହଡ଼ା ଗ୍ରାମରେ ଏକ ହାତୀ ଛୁଆ ପରିତ୍ୟକ୍ତ କୂଅରେ ପଡ଼ିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ, ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ଜେସିବି ସାହାଯ୍ୟରେ ମାଟି ଖୋଳି ହାତୀ ଛୁଆଟିକୁ ପରିତ୍ୟକ୍ତ କୂଅ ମଧ୍ୟରୁ ଉଦ୍ଧାର କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଅଂଚଳରେ ଏକ ବଣୁଆ ହାତୀପଲ ବୁଲୁଥିବାରୁ ଲୋକମାନେ ହାତୀ ଦେଖିବାକୁ ଅଯଥା ଭିଡ଼ ନକରି ନିଜଧନ ଜୀବନ ସୁରକ୍ଷିତ ରଖିବାକୁ ବନ ବିଭାଗ ସତର୍କ କରିଛନ୍ତି। ଏହି ହାତୀ ପଲରେ ଛୋଟବଡ ହୋଇ ୭୦ଟି ହାତୀ ରହିଛନ୍ତି।

# ଅର୍ଡର ଅନୁସାରେ ପ୍ରସ୍ତୁତ ହେଉଛି ଚାରା

ମୟୁରଭଞ୍ଜ,୧୭/୧୧(ନି.ପ୍ର) : ନାରୀ ଶକ୍ତି ହେଉଛି ମହାଶକ୍ତି ଓ ଏଣୁ ନାରୀମାନେ ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ସ୍ଥିର କରନ୍ତି ତାହାକୁ ଯେକୌଣସି ଉପାୟରେ ସଫଳ କରିବା ପାଇଁ ଚେଷ୍ଟା କରନ୍ତି ଓ ଏଭଳି ଏକ ନାରୀଶକ୍ତି ହେଉଛନ୍ତି ମୟୁରଭଞ୍ଜ ଜିଲ୍ଲା ବଦଜଡ଼ା ପଂଚାୟତର ଭାଗ୍ୟଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟ ଓ ୨୦୧୭ ମସିହାରେ ଗଠନ ହୋଇଥିବା ଏହି ଗୋଷ୍ଠିରେ ୧୧ ଜଣ ସଦସ୍ୟ ରହିଥିବା ବେଳେ ଚାରା ବ୍ୟବସାୟ ସେମାନଙ୍କୁ ନୂତନ ପରିଚୟ ଦେଇଛି ଓ ଅଓଖ ପାଖ ବଜାର ସହ ବିଭିନ୍ନ ଅନୁଷ୍ଠାନକୁ ମଧ୍ୟ ଚାରା ବିକ୍ରି କରି ମାସକୁ ବେଶ ୨ ପଇସା ଲାଭ ମିଳୁଥିବା ଗୋଷ୍ଠୀର ସମ୍ପାଦିକା ସୁକେଶିନୀ ମହାନ୍ତ କହିଛନ୍ତି ।



ଚାରାରୋପଣ ପ୍ରତି ଇଛା ଥିଲେ ମଧ୍ୟ ଚାରା କିପରି କଟିଙ୍ଗ କରିବେ, କଲଚର, ବେଡ଼ ପ୍ରସ୍ତୁତ ଆଦି ବାବଦରେ ବିଶେଷ ଜ୍ଞାନ ନଥିବାରୁ କୃଷି ବିଜ୍ଞାନ କେନ୍ଦ୍ର ସହ ଯୋଗାଯୋଗ କରି ସିବିସଓଇ ବିକାଶ ପ୍ରକଳ୍ପ ମାଧ୍ୟମରେ ଦିଆଯାଉଥିବା ୫ ଦିନିଆ ତାଲିମ ନେଇଥିଲେ । ଗୋଷ୍ଠୀର ୫ ଜଣ ମହିଳା ପ୍ରଶିକ୍ଷଣ ନେବା ପରେ ଚାରା ଉତ୍ପାଦନରେ ବିଶେଷ ଲାଭ ହେଉଥିବା ଗୋଷ୍ଠୀର ମହିଳା ସଦସ୍ୟ କହିଛନ୍ତି। ଖରା, ବର୍ଷା, ଶୀତ ଏଭଳି ସବୁ ଋତୁ ଅନୁଯାୟୀ ଚାରା ରୋପଣ କରୁଛନ୍ତି । ଏହା ପରେ ଲୋକଙ୍କ ଟାର୍ଗେଟକୁ ନଜରରେ ରଖି ଅର୍ଡର ପ୍ରସ୍ତୁତ କରୁଥିବାରୁ ଚାରା ବିକ୍ରିରେ କୌଣସି ସମସ୍ୟା ରହୁନାହିଁ ଓ ପନିପରିବା, ଫୁଲ, ଫଳ ସବୁ ରକମର ଚାରା ବିକ୍ରି କରୁଥିବାରୁ ବାହାର ଜିଲ୍ଲାରୁ ମଧ୍ୟ ଚାଷୀ ଚାରା ଉପରେ ନିର୍ଭର କରୁଛନ୍ତି । ଖାଲି ସେତିକି ନୁହେଁ ମଝି ମଝିରେ ସମସ୍ତ ସମସ୍ୟା ବାବଦରେ କୃଷି ବିଜ୍ଞାନ କେନ୍ଦ୍ର ସହ ଯୋଗାଯୋଗ କରି ସୁବିଧାରେ ଉପଚାର ପାଉଛନ୍ତି । ଏହା ସହ ଏକ ଜୁସ ଦୋକାନ, ସିଲାଇ କାମ ମଧ୍ୟ ଗୋଷ୍ଠୀ ସଦସ୍ୟମାନେ ପରିଚାଳନା କରୁଛନ୍ତି ଓ ଆଗାମୀ ଦିନରେ ଏ ଦିଗରେ ଆହୁରି ଅଧିକ ଉନ୍ନତି ପାଇଁ ଗୋଷ୍ଠୀ ସଦସ୍ୟ ଆଶାବାଦୀ ଥିବା କହିଛନ୍ତି।

## ହୁତୁହୁତୁ ହୋଇ ଜଳିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଧର୍ମଶାଳା,୧୭/୧୧(ନି.ପ୍ର) : ହୁତୁହୁତୁ ହୋଇ ଜଳିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଂଚାୟତ କଣିପାଟିଆ ଗ୍ରାମରେ । ଆଜି ସକାଳେ ଗାଁ ମୁଣ୍ଡରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳିବାକୁ ଲାଗିଥିଲା । ଚାହୁଁ ଚାହୁଁ ଟ୍ରାନ୍ସଫର୍ମରଟି ହୁତୁହୁତୁ ହୋଇ ଅଳ୍ପ ସମୟ ମଧ୍ୟରେ ଜଳି ପୋଡି ପାଉଁଶ ହୋଇଯାଇଥିଲା । ତେବେ ସ୍ଥାନୀୟ ଅଂଚଳରେ ବିଦ୍ୟୁତ୍ ସରବରାହ ଠପ୍ ହୋଇଯାଇଛି । ତୁରନ୍ତ ନୂତନ ଟ୍ରାନ୍ସଫର୍ମର ବସାଇବାକୁ ଅଂଚଳବାସୀ ଦାବି କରିଛନ୍ତି।

# ଅର୍ଡାବାହାଲ ବାଳିକା ଉଚ୍ଚ ବିଦ୍ୟାଳୟରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକୀ ପାଳିତ

ସମ୍ବଲପୁର,୧୭/୧୧(ନି.ପ୍ର) : ସମ୍ବଲପୁର ଅର୍ଡାବାହାଲ ସରକାରୀ (ଏସ୍ ଏସ୍ ଡି) ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜନଜାତି ଗୌରବ ଦିବସ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କର ଜନ୍ମ ବାର୍ଷିକୀ ଅବସରରେ 'ଅଭିଭାବକ ମାନେ ଆମ ଅଂଶୀଦାର' ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁସଂଖ୍ୟାରେ ଅଭିଭାବକ ଓ ଅଭିଭାବିକା ମାନେ ଯୋଗଦାନ କରିଥିବା ବେଳେ ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ଯାଦବ ସଭାପତିତ୍ୱ କରିଥିଲେ । ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଦିବସ ଉପରେ ଛାତ୍ରୀ ଏବଂ ଅଭିଭାବକ ଅଭିଭାବିକା ମାନଙ୍କୁ ବୁଝାଇବା ସହ ଛାତ୍ରୀ ମାନଙ୍କୁ ଭଗ୍ୱାନ ବିର୍ସା ମୁଣ୍ଡାଙ୍କ ପରି ସାହସୀ ହେବା ଏବଂ ଭଲ ପାଠ ପଢ଼ି ନିଜ ନାମ ତଥା ବିଦ୍ୟାଳୟ ପିତାମାତା ଏବଂ ଗାଁର ନାମ ଉଜ୍ଜ୍ୱଳ କରିବା ବୋଲି ଛାତ୍ରୀ ମାନଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେଡିକାଲ ଅଫିସର ସସ୍ମିତା ଦୋରା ଯୋଗ ଦେଇଥିବା ବେଳେ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳମଣି ସାହୁ, ସମ୍ମାନିତ ଅତିଥି ଭାବେ ଏସଏମସି ଚେୟାରମ୍ୟାନ ଜଗଦୀଶ ଭାଇଁସା, ସରପଂଚ ଶ୍ରୀମତୀ ସୁଲେଶ୍ୱରୀ ମାଝି ପ୍ରମୁଖ ଯୋଗଦାନ କରିଥିଲେ । କୃତୀ ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବିଜ୍ଞାନ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ଶିବାନୀ ମାରେଇ, ସୁଷମା ପାଣି, ଦୀପିକା ନାଏକ, ବିକାଶ ବିଜୟ ନାଏକ, ରଞ୍ଜନ ସାହୁ, ଖେଳ ଶିକ୍ଷକ ଚନ୍ଦନ କୁମାର ମାକର, କର୍ମଚାରୀ ତ୍ରିନାଥ ପଟେଲ, ମେଘନାଦ ମହାକୁଲ, ମେଟ୍ରନ ଧରିତ୍ରୀ ବେହେରା, ଅନିତା ପଟେଲ ଏବଂ ଏ.ଏନ.ଏମ ଲଳିତା କୁସୁମ ଯୋଗଦାନ କରିଥିଲେ । ସଂସ୍କୃତ ଶିକ୍ଷକ ବିରେନ୍ଦ୍ର ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ହରିହର ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ସଚିବଙ୍କ ପାରାଦୀପ ଗସ୍ତ

### ଭିତ୍ତିଭୂମି, ବନ୍ଦର ପରିଚାଳନା କାର୍ଯ୍ୟର ତଦାରଖ



ପାରାଦୀପ,୧୭/୧୧(ନି.ପ୍ର) : ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ସଚୀବ ବିଜୟ କୁମାର ଶନିବାର ଦିନ ପାରାଦୀପ ବନ୍ଦର ଗସ୍ତରେ ଆସିଛନ୍ତି । ପାରାଦୀପ ବନ୍ଦର ପରିଚାଳନା, ଜାହାଜ ଚଳାଚଳ, ପଣ୍ୟ କାରବାର ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ । ପାରାଦୀପ ବନ୍ଦର ମେରାଇନ୍ ସାଇଟ୍ ଅଫିସ୍ ନିକଟରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଲ.ହରନାଦ ଜାହାଜ ଚଳାଚଳ, ମେରାଇନ୍ କାର୍ଯ୍ୟକ୍ରମ, ଦକ୍ଷତା, ସୁରକ୍ଷା ସମ୍ପର୍କରେ ତଥ୍ୟ ସମେତ ପାରାଦୀପ ବନ୍ଦର ଆଗାମୀ ପ୍ରକଳ୍ପ, ଭିତ୍ତିଭୂମିର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ । ସଚୀବ ଶ୍ରୀ କୁମାର ଯାନ୍ତ୍ରିକ କୋଇଲା ବୋଝେଇ ପ୍ଲାଣ୍ଟ ଅଂଚଳ ପରିଦର୍ଶନ କରିବା ସହିତ ରେଳ ପରିଚାଳନା ସମ୍ପର୍କରେ ବୁଝିଥିଲେ । ଆଇରନ୍ ଓରର ପ୍ରଦୂଷଣମୁକ୍ତ ପରିବହନକୁ ଗୁରୁତ୍ୱାରୋପ କରିଥିଲେ । ପ୍ରଶାସନିକ ଭବନ ବୋର୍ଡ଼ରୁମ୍ ପରିସରରେ ଏକ ସମୀକ୍ଷା ବୈଠକରେ ବିଭାଗୀୟ ସଚୀବ ଶ୍ରୀ କୁମାର ଯୋଗ ଦେଇ ବନ୍ଦରର ବରିଷ୍ଠ ଅଧିକାରୀଙ୍କ ସମେତ ବନ୍ଦର ବ୍ୟବହାରକାରୀମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଅବସରରେ ଗେଟ୍ ନମ୍ବର-୧ ନିକଟରେ ନବନିର୍ମିତ ଇଣ୍ଟିଗ୍ରେଟେଡ୍ ସବଷ୍ଟେସନ୍‌କୁ ସଚୀବ ଶ୍ରୀ କୁମାର ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଲ.ହରନାଦ ଉପସ୍ଥିତିରେ ଲୋକାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ପାରାଦୀପରେ ଗଲ୍ଫ କ୍ରୀଡାର ବିକାଶ ଓ ଭିତ୍ତିଭୂମିର ବିକାଶ ପାଇଁ ପାରାଦୀପ ଗଲ୍ଫ କୋର୍ସ ପରିସରରେ ଓାନ୍ ପଏ ହୋଲ୍‌ର ଉଦଘାଟନ କରିଥିଲେ ।

# କେନ୍ଦୁଝରଠାରେ ଜନଜାତୀୟ ଗୌରବ ଦିବସ ପାଳିତ; ଜୟନ୍ତୀରେ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

କେନ୍ଦୁଝର,୧୭/୧୧(ନି.ପ୍ର) : ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ କେନ୍ଦୁଝରଠାରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଡ଼ିଟୋରିୟମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମହାନ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଦିବାସୀ ସାହସ ଓ ସ୍ୱାଭିମାନର ପ୍ରତୀକ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ବିଶିଷ୍ଟ ବ୍ୟକ୍ତି, ଛାତ୍ର, ଅଧିକାରୀ ଏବଂ ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନେ ଏକତ୍ରିତ ହୋଇଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ ସମାବେଶକୁ ସମ୍ବୋଧିତ କରି ଭଗବାନ ବିର୍ସା ମୁଣ୍ଡାଙ୍କ କାଳଜୟୀ ଅବଦାନ ଉପରେ ଆଲୋକପାତ କରିଥିଲେ। ନିଜ ଅଭିଭାଷଣରେ, ସାଂସଦ କହିଥିଲେ ଯେ 'ବିର୍ସା ମୁଣ୍ଡା କେବଳ ଜଣେ ଆଦିବାସୀ ନାୟକ ନଥିଲେ ବରଂ ସାହସ ଏବଂ ପ୍ରତିରୋଧର ଜାତୀୟ ପ୍ରତୀକ ଥିଲେ। ନିର୍ଯ୍ୟାତନା ବିରୁଦ୍ଧରେ ତାଙ୍କର ଲଢ଼େଇ ଏବଂ ଏକ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ତାଙ୍କର ଦୃଷ୍ଟିକୋଣ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇ ଆସୁଛି। ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଆମର ଜନଜାତି ସମ୍ପ୍ରଦାୟର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଆମର ସାମୂହିକ ଦାୟିତ୍ୱ।' ସେ ଆଦିବାସୀ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ ଏବଂ ବିର୍ସା ମୁଣ୍ଡାଙ୍କ ତ୍ୟାଗ, ଏକତା ଏବଂ ସ୍ୱାଭିମାନର ଆଦର୍ଶକୁ ଅନୁସରଣ କରିବାକୁ ଯୁବପିଢ଼ିଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡ଼ା. ଫକୀର ମୋହନ ନାଏକ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ମାନ୍ୟବର ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜିବ ବେହେରା, କେନ୍ଦୁଝର ସମନ୍ୱିତ ଆଦିବାସୀ କଲ୍ୟାଣ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରକଳ୍ପ ପ୍ରଶାସକ, ଶିବଶଙ୍କର ମିଶ୍ର ସ୍ୱେଚ୍ଛାସେବୀ କମଳାକାନ୍ତ ସିଂ, ମମିତା ନାଏକ, କିରଣବାଳା ନାଏକ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଗୌରବ ଦିବସର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ଆଦିବାସୀ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଉତ୍ସବ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଆଦିବାସୀ ସମ୍ପ୍ରଦାୟର ପ୍ରାଣବନ୍ତ ଏବଂ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ସକାଳେ ସାଂସଦ ଅନନ୍ତ ନାୟକ, ଅନ୍ୟ ବିଶିଷ୍ଟ ବ୍ୟକ୍ତି ମାନେ ଭଗବାନ ବିର୍ସା ମୁଣ୍ଡା, ଗୁରୁ ଗୋମକେ ରଘୁନାଥ ମୁର୍ମୁ ଏବଂ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ଓଡ଼ିଶା ଏବଂ ଭାରତର ସାମାଜିକ ଏବଂ ସାଂସ୍କୃତିକ ପରିଦୃଶ୍ୟରେ ସେମାନଙ୍କର ଅମ୍ଳାନ ଅବଦାନକୁ ସମ୍ମାନ ଜଣାଇଥିଲେ। ଆଦିବାସୀ କଲ୍ୟାଣ ପଦକ୍ଷେପଗୁଡ଼ିକୁ ଆହୁରି ମଜବୁତ କରିବା ଏବଂ ବିର୍ସା ମୁଣ୍ଡାଙ୍କ ଦ୍ୱାରା ପ୍ରଦତ୍ତ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଏକ ସାମୂହିକ ସଂକଳ୍ପ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଜନଜାତି ଗୌରବ ଦିବସ ପାଳିତ

ଜୟପୁର,୧୭/୧୧(ନି.ପ୍ର) : ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ, ସଂଖ୍ୟା ଲଘୁ ସମ୍ପ୍ରଦାୟ କଲ୍ୟାଣ ବିଭାଗର ନିର୍ଦ୍ଦେଶ କ୍ରମେ ଜନଜାତି ଗୌରବ ଦିବସ ଜୟପୁର ବ୍ଲକ ବାଲିଆ ଆଶ୍ରମ ବିଦ୍ୟାଳୟ ଠାରେ ଅଭିଭାବକମାନଙ୍କର ସହ ଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷାର ପ୍ରଗତି ଓ ବିଦ୍ୟାଳୟ ଓ ଛାତ୍ରାବାସର ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଥିଲା । ଛାତ୍ର ଛାତ୍ରୀ ମାନଙ୍କର ପୋଷଣ ଓ ସ୍ୱାସ୍ଥ୍ୟର ସଶକ୍ତିକରଣ ସମ୍ପର୍କରେ ଆଲୋଚନା, ଛାତ୍ରଛାତ୍ରୀ ମାନଙ୍କର ନିରାପତା ଓ ସୁରକ୍ଷା ସମ୍ପର୍କରେ ସଚେତନତା, ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅଭିଭାବକ ମାନଙ୍କର ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସୁବାସିନି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ସଭାପତି ଶଶୀ ଭୂଷଣ ଦାସ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଦିଗ୍ ଦର୍ଶନ ଦେବା ସହିତ ଅଭିଭାବକ ମାନଙ୍କୁ ସଚେତନ କରାଇଥିଲେ । ବାଲିଆ ସରପଂଚ ସରସ୍ୱତୀ ମାଝୀ, ବିଦ୍ୟାଳୟ କମିଟି ସଭ୍ୟ ସୁନାଧର ଗାଦବା, ଜୟପୁର ବ୍ଲକ ଡିଡବ୍ଲୁଓ ଆଭା ପ୍ରଧାନ, ଶ୍ରୀ ବଲ୍ଲଭ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଶିକ୍ଷକ ଭବାନି ନାୟକ, ଶିକ୍ଷୟିତ୍ରୀ ରଜନି ଦାଶ୍, ସ୍ନେହାଞ୍ଜଳି ରଥ, ଦିପ୍ତି ମହାନ୍ତି, ସହାୟିକା ପି ଆଶା ପରିଚାଳନା ଦାୟିତ୍ୱରେ ରହିଥିଲେ କ୍ଷକୃତି ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ପ୍ରଧାନ ଶିକ୍ଷୟତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ଡମ୍ପିଂୟାର୍ଡ ପାଇଁ ସହରବାସୀ ହଟହଟା

ଜୟପୁର,୧୭/୧୧(ନି.ପ୍ର) : ଜୟପୁର ପୌରପାଳିକା ଡମ୍ପିଂୟାର୍ଡକୁ ନେଇ ଦେଖାଯାଉଛି ସମସ୍ୟା । ଜୟପୁର ସହର ନିକଟ ମକାପୁଟ ଠାରେ ୬ ଏକର ଜମିରେ ହୋଇଛି ଡମ୍ପି ୟାର୍ଡ଼ । ମକାପୁଟ ବାଳିକା ସେବାଶ୍ରମର ୫୦ ମିଟର ଦୂରରେ ଆବର୍ଜନା ଗଦା ହେଉଥିବାରୁ ଦୁର୍ଗନ୍ଧରେ ରହିପାରୁ ନାହାନ୍ତି ବାଳିକା ସେବାଶ୍ରମର ଛାତ୍ରୀ । ଏଠାରେ ପାଠ ପଢୁଛନ୍ତି ୨୫୦ ଛାତ୍ରୀ । ଆବର୍ଜନା ଯୋଗୁଁ ସଂକ୍ରମଣ ହେବା ଆଶଂକା ଦେଖାଦେଇଛି । ସହର ସଫେଇ ଦାୟିତ୍ୱ ନେଇଥିବା ସଂସ୍ଥା ଗ୍ରୀନ୍ ଟ୍ରିବ୍ୟୁନାଲ୍‌ଙ୍କ ନିର୍ଦ୍ଦେଶକୁ ମାନୁ ନଥିବା ଅଭିଯୋଗ ହୋଇଛି । ନୂତନ ଜାତୀୟ ରାଜପଥ ଆଡକୁ ମାଡି ଆସୁଛି କୂଢକୂଢ ଅଳିଆ । ବର୍ତମାନ ଏହି ଡମ୍ପିଂୟାର୍ଡ ର ଅଳିଆ ଦୁର୍ଗନ୍ଧରେ ନାକେଦମ ନିକଟରେ ଥିବା ମକାପୁଟ ସେବାଶ୍ରମର ଛାତ୍ରଛାତ୍ରୀ । ସହରର ସମସ୍ତ ଅଳିଆକୁ ଏଠାରେ ପକାଇ ସେଥିରୁ ଜୈବିକ ଖତ ପ୍ରସ୍ତୁତ କରିବା ପାଇଁ କରାଯାଇଥିଲା ଏହି ମୋ ଖତ ପ୍ରସ୍ତୁତି କେନ୍ଦ୍ର । ସବୁଠାରୁ ବଡକଥା ଖତ କେନ୍ଦ୍ରରେ ଖତ ପ୍ରସ୍ତୁତ ହେଲା ସତ ହେଲେ ସେଠାରୁ ବାହାରୁଥିବା ଦୁର୍ଗନ୍ଧରେ ଏବେ ବେହାଲ ନିକଟସ୍ଥ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ବସବାସ କରୁଥିବା ସହର ବାସୀ । ଖାଲି ସେତିକି ନୁହେଁ ବର୍ତମାନ ଏହି ଖତ ସଂଗ୍ରହ କେନ୍ଦ୍ରର ସୁରକ୍ଷା ପାଚେରି ମଧ୍ୟ ଭାଙ୍ଗି ଯିବାରୁ ବର୍ତମାନ ଗୃହପାଳିତ ପଶୁ ବି ସେହି ଭିତରକୁ ଯାଇ ପଚାଷଢା ଖାଦ୍ୟ ଖାଉଛନ୍ତି ଯାହା ବର୍ତମାନ ସେମାନଙ୍କ ଜୀବନକୁ ବିପଦରେ ପକାଇଛି। ସେହିପରି ମୋ ଖତ ପ୍ରସ୍ତୁତି କେନ୍ଦ୍ରରେ ଚିତବିନୋଦନ ପାଇଁ ଏକ ପାର୍କ କରାଯାଇଛି କିନ୍ତୁ ଏଠି ପ୍ରଶ୍ନ ଉଠୁଛ ଦୁର୍ଗନ୍ଧ ଲାଗି ଯୋଉଠି ଲୋକମାନେ ଏକ ମିନଟ ବି ଠିଆ ହୋଇ ପାରୁ ନାହାନ୍ତି ସେଠାରେ ପାର୍କ ର ପରିକଳ୍ପନା କାହା ସ୍ୱାର୍ଥରେ। ବର୍ତମାନ ସ୍ଥାନୀୟ ବାସିନ୍ଦା ମାନେ ଦାବି କରିଛନ୍ତି ଯେ, ଆଗାମୀ ଦିନରେ ଏହି ମୋ ଖତ କେନ୍ଦ୍ରକୁ ତୁରନ୍ତ ସେଠାରୁ ସ୍ଥାନାନ୍ତରିତ କରି ସହର ଓ ଜନ ବସତି ଠାରୁ ଦୂରରେ କରାଯାଉ। ସଞ୍ଜୟ କୁମାର ସୁଆରୋ, ରବି ନାୟକ ପ୍ରମୁଖ ଏହି ଦାବି କରିଛନ୍ତି। ଅନ୍ୟପଟେ ସମସ୍ୟାକୁ ନେଇ ଅଧିକାଂଶ ହଟହଟା ହେଉଛନ୍ତି ପାଖକୁ ଲାଗି ରହିଥିବା ସେବାଶ୍ରମ ବିଦ୍ୟାଳୟର ପ୍ରାୟ ୨୫୦ରୁ ଅଧିକ ଛାତ୍ରଛାତ୍ରୀ। ଏହି ଘଟଣାକୁ ନେଇ ପୌର ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କହିଛନ୍ତି ପୂର୍ବରୁ ଡମ୍ପିଂୟାର୍ଡ ପାଇଁ ୬ ଏକର ଜମି ରହିଥିବା ବେଳେ ଜାତୀୟ ରାଜପଥ ଯିବାରୁ ବର୍ତମାନ ତାହା କମି ଯାଇ ୪ ଏକରରେ ପହଂଚିଛି। ବର୍ତମାନ ନୂତନ ସ୍ଥାନ ପାଇଁ ପ୍ରଶାସନିକ ସ୍ତରରେ ଚାଲିଛି ମୋ ଖତକେନ୍ଦ୍ର ପାଇଁ ସ୍ଥାନ ନିରୂପଣ ପ୍ରକ୍ରିୟା ଓ ଅତି ଶୀଘ୍ର ଏହାକୁ ନୂଆ ସ୍ଥାନରେ ନିର୍ମାଣ କରାଯିବ । ତା' ସହିତ ସ୍ଥାନୀୟ ବାସିନ୍ଦା ମାନେ ଗାଈ ଗୋରୁଙ୍କୁ ଖୋଲାରେ ଛାଡିବା ଦ୍ୱାରା ଦୁର୍ଘଟଣା ବି ହେଉଛି ଓ ପଶୁ ଜନ୍ତୁ ମାନେ ବାହାର ପଲଥିନ ମଧ୍ୟ ଖାଉଛନ୍ତି ଯାହା ବିପଦର କାରଣ ହେଉଛି। ବର୍ତମାନ ଡମ୍ପିଂୟାର୍ଡ ଚାରିପାଖେ କାମଚଳା ବାଉଣ୍ଡରି କରିବାକୁ ଯୋଜନା ଓ ତା' ସହିତ ଯୋଉ ମଇଳା ରାସ୍ତାକୁ ଆସୁଥିଲା ବର୍ତମାନ ତାହା ଆଉ ରାସ୍ତାକୁ ନ ଆସିବା ପାଇଁ ଜେସିବି ଲଗା ଯାଇଥିବା କଥା କହିଛନ୍ତି ଜୟପୁର ଉପ ଜିଲ୍ଲାପାଳ ଅକା ବରମ ଶାଶ୍ୟ ରେଡ଼ି । ତେଣୁ ପୌର ପ୍ରଶାସନ ତୁରନ୍ତ ଡମ୍ପିଂୟାର୍ଡକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି।

# କୋଷ୍ଟାଲ୍ ସିକ୍ୟୁରିଟି କମ୍ୟୁନିଟି ପୋଲିସିଙ୍ଗ୍ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାରେ ଆୟୋଜିତ

ପୁରୀ,୧୭/୧୧(ନି.ପ୍ର) : ପୁରୀ ପୋଲିସ ପକ୍ଷରୁ ସମୁଦ୍ରତଟୀୟ ସୁରକ୍ଷାକୁ ସୁଦୃଢ଼ କରିବା, ଲୋକମାନଙ୍କ ସହ ପୋଲିସ ସମ୍ପର୍କକୁ ବୃଦ୍ଧି କରିବା ଓ ସଚେତନତା ବୃଦ୍ଧିକୁ ଲକ୍ଷ୍ୟ କରି କୋଷ୍ଟାଲ୍ ସିକ୍ୟୁରିଟି କମ୍ୟୁନିଟି ପୋଲିସିଙ୍ଗ୍ କାର୍ଯ୍ୟକ୍ରମ ଶନିବାର ଚନ୍ଦ୍ରଭାଗା ମେରାଇନ ପୋଲିସ ଷ୍ଟେସନ୍‌ରେ ଆୟୋଜିତ ହୋଇଯାଇଛି । ସମୁଦ୍ରତଟୀୟ ଅଂଚଳର ଲୋକଙ୍କୁ ସଚେତନ କରିବା, ବିପଦ ସମୟରେ ସ୍ଥାନୀୟଙ୍କ ସହଯୋଗ ବୃଦ୍ଧି କରିବା, ଯୁବ ସମାଜରେ ସ୍ପୋର୍ଟସ୍ ଓ ସାଂସ୍କୃତିକ ମନୋଭାବ ଗଢ଼ି ତୋଳିବା, ପୋଲିସ ଓ ପବ୍ଲିକ୍ ସମ୍ପର୍କକୁ ଦୃଢ଼ କରିବା ସମ୍ପକରେ ପ୍ରତିଯୋଗିତା କରାଯାଇଥିଲା । ଖେଳରେ ଭଲିବଲ୍ ମ୍ୟାଚ୍ ସ୍ଥାନୀୟ ଯୁବମାନଙ୍କ ମଧ୍ୟରେ ଉତ୍ସାହଜନକ ଖେଳ, ଚିତ୍ରକଳା ପ୍ରତିଯୋଗିତା, ପିଲାମାନେ ସମୁଦ୍ର, ପରିବେଶ, ପୁଲିସିଙ୍ଗ୍ ଆଦି ବିଷୟରେ ଅଦ୍ଭୁତ ଚିତ୍ର ପ୍ରସ୍ତୁତ କରିଥିଲେ। ଗୀତ ଓ ନୃତ୍ୟ ପ୍ରତିଯୋଗିତା ସ୍ଥାନୀୟ ସଂସ୍କୃତିକୁ ଅନୁଭବ କରାଇଥିବା ଅନେକ ପ୍ରଦର୍ଶନ କରିଥିଲେ । କଳା ଓ ସାହିତ୍ୟ ମଂଚ ପିଲାମାନେ ତାଙ୍କ ସ୍ୱରଚିତ କବିତା ଓ ଭାଷଣ ଦେଇଥିଲେ । ସମସ୍ତ ପ୍ରତିଯୋଗିମାନେ ଉତ୍ସାହର ସହିତ ଯୋଗଦେଇ, ଯାହା ସମାଜରେ ଏକ ସୁସ୍ଥ ସଂସ୍କୃତିକ ପରିବେଶ ସୃଷ୍ଟି କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ଥାନୀୟ ଆବଶ୍ୟକତାପୂର୍ଣ୍ଣ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ବିଭିନ୍ନ ସ୍କୁଲର ଓ ଯୁବକ ଓ ଯୁବତୀଙ୍କୁ ସଙ୍ଗୀତ ସାମଗ୍ରୀ ବଣ୍ଟନ କରାଯାଇଥିଲା । ସ୍ୱାସ୍ଥ୍ୟ ଶିବିରରେ ଶତାଧିକ ଲୋକଙ୍କୁ ଚିକିତ୍ସା, ପରୀକ୍ଷା ଓ ଔଷଧ ସେବା ଯୋଗାଇ ଦିଆଯାଇଥିଲା । ଏହି ପ୍ରୟାସ ଦ୍ୱାରା ସମୁଦ୍ରତଟୀୟ ଅଂଚଳର ସମାଜକୁ ସଜାଗ, ସୁସ୍ଥ ଓ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ସଚିନ ପଟେଲ, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ଅସିଷ୍ଟାଣ୍ଟ ଫିଶରି ଅଫିସର ସୁବୀତ ପଟେଲ, ସୁତନ ହେଡ଼ମାଷ୍ଟର ସୁରେନ୍ଦ୍ରନାଥ ପାଢ଼ୀ, ରାମଚଣ୍ଡୀ ଥାନା ଆଇଆଇସି ଓ ଚନ୍ଦ୍ରଭାଗା ମେରାଇନ ଥାନା ଆଇଆଇସି ଅତିଥି ଭାବେ ଯୋଗଦେଇ କମ୍ୟୁନିଟି ପୋଲିସିଙ୍ଗ୍‌ର ଗୁରୁତ୍ୱ, ସମୁଦ୍ର ସୁରକ୍ଷା, ବିପଦ ପ୍ରବନ୍ଧନ ଓ ଯୁବଶକ୍ତିର ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋକପାତ କରିଥିଲେ। ପୁରୀ ପୋଲିସ ଦ୍ୱାରା ଏହା ଯୁବ ସଶକ୍ତିକରଣ, ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁବିଧା ବୃଦ୍ଧି ପାଇଁ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଦ୍ୱାରା ସମାଜ ସହ ପୋଲିସ ମଧ୍ୟରେ ବିଶ୍ୱାସ, ସମ୍ପର୍କ ଓ ସହଯୋଗକୁ ଆହୁରି ମଜବୁତ କରିବ ।

## ଟାଇପ୍ ୧ ମଧୁମେହ ରୋଗୀଙ୍କ ଖାଦ୍ୟ

ଆଜିକାଲି କିଶୋର-କିଶୋରୀ ମଧ୍ୟ ମଧୁମେହର ଶିକାର ହେଉଛନ୍ତି, ଯାହାକୁ କୁହାଯାଉଛି ଟାଇପ ୧ ଡାଇବେଟିସ୍। ଏଭଳି ରୋଗୀ ଖାଦ୍ୟ ବାବଦରେ ସଚେତନ ହେବା ଜରୁରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏପରି ଖାଦ୍ୟ ଖାଇବା, ଯାହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଅଧିକ ବଢ଼ିବନାହିଁ ବା କମିବନାହିଁ। ଅର୍ଥାତ୍, ଠିକ୍ ଯେତିକି ଦରକାର, ସେତିକି ଶ୍ୱେତସାର ଖାଇବା।

- ତିନିଟି ମୁଖ୍ୟ ଭୋଜନ ବଦଳରେ ଛଅଥର ଅଳ୍ପ ଅଳ୍ପ ଖାଇବା ଉଚିତ। ଏହାଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ।




କେବେ ହେଲେ ଖାଲି ପେଟରେ ରହିବା ନାହିଁ। ଏହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଖସି ଯାଇପାରେ। ତାହା ପରେ ଅଧିକ ଖାଇଦେଲେ, ବିରପୀତ ଘଟେ। ଅଧିକାଂଶ ନଟସ ସ୍ୱାସ୍ଥ୍ୟ ପାଇଁ ହିତକାରୀ। ତେବେ, ଟାଇପ ୧ ମଧୁମେହ ଭୋଗୁଥିଲେ, ଅଧିକ ଖାଇବା ଅନୁଚିତ। ଏହା ମୋଟା କରିପାରେ। ସର୍ବଦା ଅଟା ରୁଟଣି ଖାଇବା ଉଚିତ। ଅଟା ତିଆରି ପାଉଁରୁଟି, ନୁଡଲସ, ପାସ୍ତା ଖିଆ ଯାଇପାରେ। ଆକାଣ୍ଡିଆ ଚାଉଳ ସବୁଠାରୁ ନିରାପଦ। ଏସବୁ ଶ୍ୱେତସାର ଆବଶ୍ୟକତା ପୂରଣ କରନ୍ତି। ଚୋପା ଥିବା ମୁଗଡାଲି, କଳା ମସୁରଡାଲି ଉତ୍ତମ। ନିୟମିତ ପାଳଙ୍ଗ, ବ୍ରୋକୋଲି, ବନ୍ଧାକୋବି, ଫୁଲକୋବି, ଗାଜର, କାକୁଡ଼ି ଓ ଟମାଟୋ ଖାଆନ୍ତୁ। ଆଳୁ, କଞ୍ଚା କଦଳୀ ଓ କନ୍ଦମୂଳଖାଆନ୍ତୁ ନାହିଁ। ମିଠାଫଳ-ମୂଳ, ଜାମ-ଜେଲି, ମୃଦୁ ପାନୀୟ ମଇଦା ଦିଆରି ଖାଦ୍ୟ ସଂପୂର୍ଣ୍ଣ ବର୍ଜନୀୟ।

## ମାଛ, ମାଂସ ନଖାଇ ସୁସ୍ଥ ରହିବାକୁ ଚାହୁଁଛନ୍ତି କି ? ଯଦି ହଁ, ଆପଣାନ୍ତୁ ଏହି ଉପାୟ...

**ଦିନକୁ ଦିନ ଲୋକଙ୍କର ଓଜନ ବଢୁଛି । ଏଥିପାଇଁ ଅନେକ ରୋଗରେ ପୀଡିତ ହେଉଛନ୍ତି ଲୋକେ। ଖାସ୍ ଏଥିପାଇଁ ହିଁ ଶାକାହାରୀ ଖାଦ୍ୟ ପ୍ରତି ଆକର୍ଷିତ ହେଉଛନ୍ତି । କିନ୍ତୁ ଯଦି ମାଂସ, ମାଛ ଏବଂ ଅଣ୍ଡା ଭଳି ଜିନିଷ ଖାଇବା ବନ୍ଦ କରି ଦିଅନ୍ତି, ତେବେ ଶରୀରକୁ ପ୍ରୋଟିନ୍ କେଉଁଠୁ ମିଳିବ । ଏ ପ୍ରଶ୍ନ ସମସ୍ତଙ୍କ ମନରେ ନିଶ୍ଚୟ ଆସୁଥିବ । କିନ୍ତୁ ଏପରି କିଛି ଶାକାହାରୀ ଖାଦ୍ୟ ରହିଛି ଯାହା ଶରୀରକୁ ପ୍ରଚୁର ପରିମାଣରେ ପ୍ରୋଟିନ୍ ? ଯୋଗାଇବ । ଆସନ୍ତୁ ଜାଣିବା...**

୧. ଡାଲି: ଡାଲିକୁ ପୋଷକ ତତ୍ତ୍ୱର ଭଣ୍ଡାର ଭାବରେ ବିବେଚନା କରାଯାଏ । ଏହାର ପ୍ରତିକପ୍ ପିଛା ଡାଲିରେ ମିଳିଥାଏ ୧୮ ଗ୍ରାମର ପ୍ରୋଟିନ୍ । ଏହାକୁ ବିଭିନ୍ନ ଉପାୟରେ ଖିଆ ଯାଇପାରେ । ଯେପରିକି ସୁପ୍, ସାଲାଡରେ ମଧ ଏହାକୁ ମାଂସ ବଦଳରେ ଖାଇପାରିବେ ।

୨. ସୋୟାବିନ୍: ସୋୟାବିନ ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଭାବରେ ବିବେଚନା କରାଯାଏ । ସାଧାରଣତଃ ଲୋକମାନେ ଏହାକୁ ତରକାରୀ କରି ଖାଇବାକୁ ପସନ୍ଦ କରନ୍ତି । ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥାଏ । ଯଦି ଆପଣ ଏହାକୁ ନିୟମିତ ଖାଆନ୍ତି ତେବେ ଶରୀରରେ ପ୍ରୋଟିନର ଅଭାବ ରହିବନି।

୩. କ୍ୱିନୋଆ: କ୍ୱିନୋଆ ଏକ ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଭାବେ ପରିଚିତ । ଏହି ଖାଦ୍ୟରେ ସମସ୍ତ ୯ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଏହି ଖାଦ୍ୟରେ ମିଳିଥାଏ । ରାନ୍ଧିବା ସମୟରେ ଏହା କପ୍ ପିଛା ପ୍ରାୟ ୮ ଗ୍ରାମ ପ୍ରୋଟିନ୍ ଯୋଗାଇଥାଏ । ତେଣୁ ଅଧିକାଂଶ ଡାଏଟିସିଆନ୍ ଏହାକୁ ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦିଅନ୍ତି ।

୪. ଟୋଫୁ: ଟୋଫୁ ହେଉଛି ଏକ ସୋୟାବିନ୍ ଭିତ୍ତିକ ଖାଦ୍ୟ ପଦାର୍ଥ । ଯାହା ପ୍ରୋଟିନରେ ଭରପୂର ଅଟେ । ଯଦି ଆପଣ ଅଧା କପ୍ ଟୋଫୁ ଖାଆନ୍ତି, ତେବେ ଆପଣଙ୍କ ଶରୀରକୁ ପ୍ରାୟ



୧୫ ଗ୍ରାମ ପ୍ରୋଟିନ୍ ମିଳିବ । ଏହା ପନିର ପରି ଦେଖାଯାଏ, ଯଦିଓ ଏହା ଭିନ୍ନ ଅଟେ । ଆପଣ ଏହାକୁ ଅନେକ ଉପାୟରେ ରାନ୍ଧି ଖାଇପାରିବେ । ଏହାର ସ୍ୱାଦ ମଧ ଖୁବ୍ ଉତ୍କୃଷ୍ଟ ।

୫. ଗ୍ରୀକ୍ ଦହି: ଏହା ସେହି ବ୍ୟକ୍ତିଙ୍କ ପାଇଁ ଯେଉଁମାନେ କି ଦୁଗ୍ଧଜାତ ଦ୍ରବ୍ୟକୁ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି । ଗ୍ରୀକ୍ ଦହି ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଅଟେ । ଯାହାର ପ୍ରତି ୬ଅଂଶରେ ଯୋଗାଇଥାଏ ୧୦ ଗ୍ରାମର ପ୍ରୋଟିନ୍ । ଏହା ପ୍ରୋବାୟୋଟିକ୍ସରେ ମଧ ଭରପୂର ଅଟେ, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖେ ।

## ଖାଇବା-ଶୋଇବାରେ ବ୍ୟବଧାନ ନ ରହିଲେ କର୍କଟ ଆଶଙ୍କା

ଖାଇବା ଓ ଶୋଇବାରେ କେତେକ ନୀତିନିୟମ ରହିଛି। ଏହାକୁ ଅନେକ ଅଣଦେଖା କରିଥାନ୍ତି। ରାତିରେ ଖାଇବା ପରେ ପରେ ଅନେକ ବିଛଣା ଧରନ୍ତି। ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଠିକ୍ ନୁହେଁ। ନିକଟରେ ବାର୍ସିଲୋନା ଇନ୍ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ହେଲ୍‌ଥର ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ରାତିରେ ଖାଇବା ଓ ଶୋଇବା ମଧ୍ୟରେ ପାଖାପାଖୀ ଦୁଇଘଣ୍ଟା ବ୍ୟବଧାନ ରଖୀବା ଆବଶ୍ୟକ। ଏପରି ନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ଆଉ ଯେଉଁମାନେ ଉପରୋକ୍ତ ନିୟମ ମାନି ଚଳିଥାନ୍ତି, ସେମାନଙ୍କ ତୁଳନାରେ ଏହି ନିୟମ ନ ମାନୁଥିବା ବ୍ୟକ୍ତିଙ୍କ ଠାରେ କର୍କଟ ହେବାର ଆଶଙ୍କା ୨୫ ପ୍ରତିଶତ ଅଧିକ ରହିଥାଏ। କେବଳ ସେତିକି ନୁହେଁ, ଏହା ସେମାନଙ୍କ ଭୋକ ଏବଂ ନିଦ ଉପରେ ମଧ ପ୍ରଭାବ ପକାଇଥାଏ। ଏହି ଅଧ୍ୟୟନରେ କର୍କଟ ପୀଡ଼ିତ ୬୦୦ରୁ ଅଧିକ ପୁରୁଷ ଏବଂ ୧,୨୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସାମିଲ କରାଯାଇଥିଲା। ପୀଡ଼ିତ ଲୋକଙ୍କ ମଧ୍ୟରୁ କେହି ଜଣେ ବି ନାଇଟ୍ ସିଫ୍ଟ କରି ନଥିଲେ। ବରଂ ଏମାନେ ରାତିରେ ଖାଦ୍ୟ ଖାଇବା ପରେପରେ ଶୋଇଥିବାରୁ କର୍କଟରେ ପୀଡ଼ିତ ହୋଇଥିବା କଥା ଅଧ୍ୟୟନରେ କୁହାଯାଇଛି।



## ନିରାଶାରୁ ବର୍ତ୍ତିବାର ଉପାୟ



ଜୀବନରେ ଯଦି କେବେ ନିରାଶା ଆସେ ତେବେ ଧୈର୍ଯ୍ୟ ହରାନ୍ତୁ ନାହିଁ ବରହ ସେତିକିବେଳେ ଏମିତି ଏକ କ୍ଷଣକୁ ମନେ ପକାନ୍ତୁ ଯେତେବେଳେ ଆପଣ କିଛି ବଡ଼ କାମ କରିଥିଲେ। ଯାହା ଅନ୍ୟର ମଙ୍ଗଳ ପାଇଁ କାମରେ ଲାଗିଥିଲା ଏବଂ ଏଥିପାଇଁ ଆପଣଙ୍କୁ ମିଳିଥିଲା ଅନେକ ପ୍ରଂଶସା। କାରଣ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏମିତି ଏକ ସମୟ ଆସିଥାଏ ଯାହାକୁ ନେଇ ସେ ସବୁଠାରୁ ଅଧିକ ଖୁସି ହୋଇଥାଏ। ଏମିତି କ୍ଷଣକୁ ମନେ ପକାଇବା ଦ୍ୱାରା ମନ-ମସ୍ତିଷ୍କରୁ କଷ୍ଟଦାୟକ ବୋଝ ହାଲ୍‌କା ହୋଇ ଯାଇଥାଏ। ଏହା ସମ୍ମୁଖରେ ଥିବା ବଡ଼ ସମସ୍ୟାକୁ ଲଢ଼ିବାରେ ସହାୟ ହୋଇଥାଏ। ଯଦି ଏସବୁ ସତ୍ତ୍ୱେ ମଧ୍ୟ ମନ ନିରାଶାରେ ଛାଇ ରହିଥାଏ, ତେବେ କୌଣସି ନୂତନ ରାସ୍ତାର ସନ୍ଧାନରେ ଲାଗି ପଡନ୍ତୁ। ଯଦି ଏହି ସମୟରେ ଖାଲି ବସିପଡନ୍ତି, ତେବେ ମନ ଅଧିକ ବୋଝ ଲଦିହେଲା ପରି ମନେ ହୁଏ। ଏଥିପାଇଁ ନିଜକୁ କୌଣସି ନା କୌଣସି ଛୋଟ ବଡ଼ କାମରେ ନିମଗ୍ନ ରଖନ୍ତୁ। ତେଣୁ ପ୍ରତିଦିନ ପ୍ରାତଃ ସମୟରେ ଉଠି ବ୍ୟାୟାମ କରିବାର ଅଭ୍ୟାସ କରନ୍ତୁ। ଏହାଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରହେ ତାହା ନୁହେଁ ବରଂ ମାନସିକ ସ୍ତରରେ ବେଶ୍ ଆରାମ ଅନୁଭୂତ ହୁଏ। ଚାହିଁଲେ ଭଲ ସାହିତ୍ୟ ପୁସ୍ତକ, କବତା, ଗଳ୍ପ କମ୍ବା ଉପନ୍ୟାସ ପଢ଼ିପାରିବେ। ଆଶା ଏବଂ ନିରାଶା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ମଣିଷ ପରି ପଶୁ ମନରେ ବି ନିରାଶ ପଣ ଦେଖିବାକୁ ମିଳେ। ହେଲେ ମଣିଷ ଏବଂ ପଶୁ ମଧ୍ୟରେ ଥାଏ ଗୋଟିଏ ତଫାତ୍। ପଶୁ ନିରାଶା ହେଲେ କିଛି ନ କର ବସିପଡେ କିମ୍ବା ଶୋଇପଡେ। ହେଲେ ମନୁଷ୍ୟ, ନିରାଶରେ ଆଗକୁ ବଢ଼ିବାର



ସ୍ୱରୂପ ଆଜ ମନୁଷ୍ୟ ସମସ୍ତ ଜୀବଜନ୍ତୁ ପ୍ରାଣୀକୁ ନିଜ ବଶରେ କରିବାର କ୍ଷମତା ରଖିଛି। ତେଣୁ ଜୀବନରେ ଅନେକ ବଡ଼ ବଡ଼ ଦୁର୍ଘଟଣା ବା ସମସ୍ୟା ଆସି ଠିଆ ହେବ। ତା’ ମାନେ ନୁହେଁ କି ତାକୁ ଡରି ପଛଘୁଞ୍ଚା ଦେବ। ବରଂ ଚେଷ୍ଟା ଦ୍ୱାରା ତାକୁ ଲଢ଼ବା ଶିଖିବା ଦରକାର। ଯଦି ଏଥିରେ ଅସଫଳ ହେଉଛନ୍ତି, ତେବେ ଭାଙ୍ଗିନପଡ଼ି ସେହି ନିରାଶା ମଧ୍ୟରେ ଆଶାର ସଞ୍ଚାର କରନ୍ତୁ।

## ଚୀନରେ ୧୫୦ଟଙ୍କାରେ ମିଳୁଛି ଶୁଦ୍ଧ ବାୟୁର ପ୍ୟାକେଟ୍

ବିଶ୍ୱ ସ୍ତରରେ ସବୁଠୁ ପ୍ରଦୂଷିତ ସ୍ଥାନ ତାଲିକାରେ ଚୀନ ଥିବାବେଳେ ଦ୍ୱିତୀୟ ସ୍ଥାନରେ ଭାରତର ଦିଲ୍ଲୀ ଅଛି। ତେବେ ଦିଲ୍ଲୀ ବାସିନ୍ଦା ବର୍ତ୍ତମାନ ସୁଦ୍ଧା ସଚେତନ ହୋଇଥିବା ସତ୍ତ୍ୱେ ଚୀନ ଲୋକେ ସଚେତନ ହୋଇଗଲେଣି। ସାଧାରଣ ବର୍ଗର ଲୋକେ ଚୀନରେ ମାସ୍କ ପିନ୍ଧି ଚଳପ୍ରଚଳ କରିଥାନ୍ତି। କାରଣ ପ୍ରଦ୍ୟୁଷଣ କାରଣରୁ ବିଭିନ୍ନ ମାରାତ୍ମକ ରୋଗ ସେଠାରେ ବ୍ୟାପିବାରେ ଲାଗିଛି। ତେବେ ଲୋକେ ସଚେତନ ହେବା ସହ ଘରେ ଶୁଦ୍ଧ ବାୟୁ ଯେପରି ବ୍ୟବହାର କରନ୍ତୁ, ଏନେଇ ଦୁଇଜଣ ଚୀନ ଯୁବତୀ ଚମତ୍କାର ପଦକ୍ଷେପ ନେଇଛନ୍ତି। ସେଠାରେ ଜିନିଙ୍ଗରେ ରହୁଥିବା ଏହି ଦୁଇ ଚୀନ ଯୁବତୀ ତିବତର ଅଞ୍ଚଳରୁ ଶୁଦ୍ଧ ବାୟୁ ସଂଗ୍ରହ କରି ତାହାକୁ ପ୍ୟାକେଟରେ ଭର୍ତ୍ତି କରି ଆଣି ଚୀନର ବିଭିନ୍ନ ଅଂଚଳରେ ବିକ୍ରି କରୁଛନ୍ତି। ଏହି ଶୁଦ୍ଧ ବାୟୁ ବ୍ୟାକେଟ ପିଛା ୧୫୦ଟଙ୍କାରେ ଉପଲବ୍ଧ। ଗତ ସପ୍ତାହରେ ସେମାନେ ଏହି ବିକ୍ରି ଆରମ୍ଭ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୫୦ପ୍ୟାକେଟ ବିକ୍ରି ହୋଇସାରିଛି। ଚୀନ ଯୁବତୀଙ୍କ କହିବାନୁସାରେ, କେବଳ ଅର୍ଥ ଲୋଭରେ ସେମାନେ ଏହି ପଦକ୍ଷେପକୁ ନେଇନାହାନ୍ତି, ବରଂ ଲୋକଙ୍କୁ ପ୍ରଦୂଷଣ ବାବଦରେ ସଚେତନ କରିବାକୁ ସେମାନେ ଏହା କରିଥିବା



ପ୍ରକାଶ। କିଛିବର୍ଷ ତଳେ କାନାଡ଼ାର ଏକ କମ୍ପାନୀ ମଧ୍ୟ ପାହାଡ଼ ଅଂଚଳରୁ ଶୁଦ୍ଧ ବାୟୁ ପ୍ୟାକେଟରେ ଭର୍ତ୍ତି କରି ଟରୋଣ୍ଟୋରେ ବିକ୍ରି କରୁଥିଲା।

## ଧନବୃଦ୍ଧି ପାଇଁ ଉତ୍ତର ଦିଗ ସମ୍ପର୍କିତ ବାସ୍ତୁ ଟିପ୍ସ

**ବାସ୍ତୁଶାସ୍ତ୍ରରେ ପ୍ରତ୍ୟେକ ଦିଗର ଭିନ୍ନ ମହତ୍ତ୍ୱ ଓ ଗୁରୁତ୍ୱ ଅଛି। ଏହି ଧାରାରେ ଧନର ଦେବତା କୁବେରଙ୍କୁ ଉତ୍ତର ଦିଗର ସ୍ୱାମୀ ବୋଲି କୁହଯାଏ। ତେଣୁ ଉତ୍ତର ଦିଗ ହେଉଛି ଧନଦାୟକ। ଧନଲାଭ ପାଇଁ ଘରର ଉତ୍ତର ଦିଗ ସମ୍ପର୍କିତ କିଛି ବାସ୍ତୁ ନିୟମକୁ ମାନିବା ଉଚିତ। ଯଥା –**

ଘରର ଉତ୍ତର ଦିଗ କାନ୍ଥରେ ସବୁବେଳେ ହାଲୁକା ନୀଳ ରଙ୍ଗ ବ୍ୟବହାର କରିବା ଉଚିତ। ଉତ୍ତର ଦିଗରେ ଆଇନା ଲଗାଇବା ଶୁଭ ଅଟେ। ଉତ୍ତର ଦିଗର କୌଣସି କୋଣ ଭଙ୍ଗା ବା କଟା ହୋଇଥିବା ଉଚିତ ନୁହେଁ। କାନ୍ଥରେ ଫାଟ ପଡ଼ିବା ମଧ ଉଚିତ ନୁହେଁ। ବାସ୍ତୁ ଅନୁଯାୟୀ, ଘରର ଉତ୍ତର ଦିଗରେ ତୁଳସୀ ଗଛ ଲଗାଇବା ଅତ୍ୟନ୍ତ ଲାଭଦାୟକ। ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ସହିତ ସୁଖସମୃଦ୍ଧି ଆସିଥାଏ। ତୁଳସୀ ପୂଜନ ଦ୍ୱାରା ମା’ ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିଥାଏ। ଆଲମାରୀ ବା ଟଙ୍କାପଇସା ରଖୁଥିବା ବକ୍ସକୁ ଦକ୍ଷିଣ କାନ୍ଥ ପାଖରେ ରଖୀବା ଦରକାର, ଯେପରିକି ଏହାର ମୁହଁ ଉତ୍ତର ଦିଗ ଆଡ଼କୁ ଖୋଲୁଥିବ। ଏଭଳି କରିବା ଦ୍ୱାରା ଘରେ କେବେ ମଧ ଅର୍ଥର ଅଭାବ ରୁହେ ନାହିଁ। ଧନବୃଦ୍ଧି ପାଇଁ ଘରର ଉତ୍ତର ଦିଗରେ ଧାତୁ ନିର୍ମିତ କଇଁଛ ରଖୀବା ଶୁଭ ବୋଲି କୁହାଯାଏ। ଧ୍ୟାନ



ରଖନ୍ତୁ କଇଁଛର ମୁହଁ ଘର ଭିତରକୁ ରହିବା ଉଚିତ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମାଗଣା ସଂସ୍କୃତି: ହିତାଧିକାରୀ ବନାମ ନାଗରିକ

ଭାରତୀୟ ଗଣତନ୍ତ୍ର ବର୍ତ୍ତମାନ ଏକ ଏପରି ସମସ୍ୟାର ସମ୍ମୁଖୀନ ହେଉଛି, ଯାହା ଧୀରେ ଧୀରେ ଏହାର ମୂଳଦୁଆକୁ ଦୁର୍ବଳ କରିବାରେ ଲାଗିଛି । ଏହା ହେଉଛି 'ମାଗଣା ସଂସ୍କୃତି' ବା 'ରେବଡ଼ି ସଂସ୍କୃତି' । ନିର୍ବାଚନ ଜିତିବା ପାଇଁ ରାଜନୈତିକ ଦଳମାନେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାରର ମାଗଣା ସାମଗ୍ରୀ ଏବଂ ନଗଦ ଟଙ୍କା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଛନ୍ତି । ଏହି ପ୍ରଥା ବର୍ତ୍ତମାନ ଏକ ଏପରି ସ୍ତରରେ ପହଞ୍ଚିଛି ଯେ, ନିର୍ବାଚନୀ ଇସ୍ତାହାରଗୁଡ଼ିକ ଦେଶର ବିକାଶର ରୂପରେଖ ପରିବର୍ତ୍ତେ ମାଗଣା ଯୋଜନାର ଏକ ତାଲିକାରେ ପରିଣତ ହୋଇଛି । ଏହି ସଂସ୍କୃତି କେବଳ ସରକାରୀ ତହବିଲ ଉପରେ ବୋଝ ସୃଷ୍ଟି କରୁନାହିଁ, ବରଂ ଏହା ନାଗରିକଙ୍କୁ ଆତ୍ମନିର୍ଭରଶୀଳ ହେବା ପରିବର୍ତ୍ତେ ସରକାରଙ୍କ ଉପରେ ନିର୍ଭରଶୀଳ କରାଇବାର ଏକ ମାଧ୍ୟମ ପାଲଟିଛି। ବିଶେଷକରି, ନିର୍ବାଚନ ପୂର୍ବରୁ ସମାଜର ଏକ ବଡ଼ ଅଂଶକୁ ସିଧାସଳଖ ନଗଦ ଟଙ୍କା ହସ୍ତାନ୍ତର କରିବାର ପ୍ରଥା ଶାସକ ଦଳକୁ ଏକ ଅଭେଦ୍ୟ ସ୍ଥିତିରେ ପହଞ୍ଚାଇ ଦେଉଛି, ଯାହାଫଳରେ ସେମାନେ ନିର୍ବାଚନରେ କଦାପି ପରାଜିତ ହେବେ ନାହିଁ ବୋଲି ଏକ ଧାରଣା ସୃଷ୍ଟି ହେଉଛି ।

ଏହି ମାଗଣା ସଂସ୍କୃତିର ମୂଳଦୁଆ ଭୋଟରଙ୍କୁ ତତକ୍ଷଣାତ୍ ଲାଭ ଦେଖାଇ ଆକର୍ଷିତ କରିବା ଉପରେ ପର୍ଯ୍ୟବେସିତ । ରାଜନୈତିକ ଦଳମାନେ ବୁଝିସାରିଛନ୍ତି ଯେ ଦୀର୍ଘମିଆଦୀ ବିକାଶମୂଳକ ଯୋଜନା, ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ, ଏବଂ ଭିତ୍ତିଭୂମିର ବିକାଶ, ତୁରନ୍ତ ଫଳ ଦିଏ ନାହିଁ ଏବଂ ଏହାର ପ୍ରଭାବ ଭୋଟରେ ପରିଣତ ହେବା ପାଇଁ ସମୟ ଲାଗେ । ଏହାର ବିପରୀତରେ, ମାଗଣା ବିଜୁଳି, ପାଣି, ରାସନ, ଲାପଟପ୍, ସାଇକେଲ କିମ୍ବା ମହିଳାମାନଙ୍କୁ ମାସିକ ଭତ୍ତା ଭଳି ଯୋଜନାଗୁଡ଼ିକ ଭୋଟରଙ୍କୁ ତୁରନ୍ତ ସନ୍ତୁଷ୍ଟ କରେ । ଏହା ଏକ ପ୍ରକାରର 'ଭୋଟ୍ କ୍ରୟ'ର ପରୋକ୍ଷ ମାଧ୍ୟମ ପାଲଟିଛି । ନିର୍ବାଚନ ପୂର୍ବରୁ ଏହିପରି ଯୋଜନାଗୁଡ଼ିକର ଘୋଷଣା ଏବଂ କାର୍ଯ୍ୟକାରିତା ଭୋଟରଙ୍କ ମନସ୍ତତ୍ତ୍ୱକୁ ପ୍ରଭାବିତ କରିବା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ଭାବରେ ବ୍ୟବହୃତ ହେଉଛି । ଯେତେବେଳେ ଜଣେ ଭୋଟର ଦେଖେ ଯେ ତାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ଆସୁଛି, ସେତେବେଳେ ସେ ଶାସକ ଦଳ ପ୍ରତି ଏକ କୃତଜ୍ଞତାର ଭାବନା ପୋଷଣ କରେ ଏବଂ ଅନ୍ୟ କୌଣସି ବିଚାରଧାରା ବା ପ୍ରସଙ୍ଗ ତାଙ୍କ ପାଇଁ ଗୌଣ ହୋଇଯାଏ।

ନଗଦ ହସ୍ତାନ୍ତରର ରାଜନୀତି ଏହି ସମସ୍ୟାକୁ ଆହୁରି ଜଟିଳ କରିଛି । ବିଭିନ୍ନ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଲୁଥିବା କୃଷକ ସମ୍ମାନ ନିଧି, ମହିଳାଙ୍କୁ ଆର୍ଥିକ ସହାୟତା, ବେକାରୀ ଭତ୍ତା ଭଳି ଯୋଜନାଗୁଡ଼ିକ ସିଧାସଳଖ ଲୋକଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଉଛି । ଏହି ଯୋଜନାଗୁଡ଼ିକର ଉଦ୍ଦେଶ୍ୟ ଗରିବ ଏବଂ ଅବହେଳିତ ବର୍ଗଙ୍କୁ ଆର୍ଥିକ ସୁରକ୍ଷା ଦେବା ବୋଲି କୁହାଯାଉଥିଲେ ମଧ୍ୟ ଏହାର ସମୟ ଏବଂ କାର୍ଯ୍ୟକାରିତାର ଢଙ୍ଗ ଏହାକୁ ଏକ ରାଜନୈତିକ ଅସ୍ତ୍ରରେ ପରିଣତ କରିଛି । ନିର୍ବାଚନର ଠିକ୍ ପୂର୍ବରୁ ଏହି ଯୋଜନାଗୁଡ଼ିକର କିସ୍ତି ପ୍ରଦାନ କରାଯିବା କିମ୍ବା ନୂତନ ହିତାଧିକାରୀଙ୍କୁ ସାମିଲ କରାଯିବା ଏକ ସାଧାରଣ କଥା ହୋଇଗଲାଣି । ଏହାଦ୍ୱାରା ଶାସକ ଦଳ ନିଜର ଭୋଟ୍ ବ୍ୟାଙ୍କକୁ ସୁଦୃଢ଼ କରିବାରେ ସଫଳ ହେଉଛି । ଫଳରେ, ନିର୍ବାଚନ ଏକ ମୁକ୍ତ ଏବଂ ନିରପେକ୍ଷ ପ୍ରତିଯୋଗିତା ପରିବର୍ତ୍ତେ, ସରକାରୀ ତହବିଲରୁ କିଏ କେତେ ଅଧିକ ମାଗଣା ବାଣ୍ଟିପାରିବ, ତାର ଏକ ପ୍ରତିଯୋଗିତାରେ ପରିଣତ ହୋଇଛି । ଏହା ଏକ ଅସମାନ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରୁଛି, କାରଣ ବିରୋଧୀ ଦଳଗୁଡ଼ିକ କେବଳ ପ୍ରତିଶ୍ରୁତି ଦେଇପାରନ୍ତି, କିନ୍ତୁ ଶାସକ ଦଳ ସରକାରୀ କଳକୁ ବ୍ୟବହାର କରି ତୁରନ୍ତ ଲାଭ ପହଞ୍ଚାଇପାରେ।

ଏହାର ଅର୍ଥନୈତିକ ପରିଣାମ ଅତ୍ୟନ୍ତ ଭୟାବହ । ମାଗଣା ଯୋଜନାଗୁଡ଼ିକ ପାଇଁ ଆବଶ୍ୟକ ହେଉଥିବା ବିପୁଳ ପରିମାଣର ଅର୍ଥ ରାଜ୍ୟର ରାଜସ୍ୱ ଉପରେ ପ୍ରବଳ ଚାପ ସୃଷ୍ଟି କରୁଛି । ଫଳରେ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ନିଯୁକ୍ତି ସୃଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଅର୍ଥର ଅଭାବ ଦେଖାଦେଉଛି । ଅନେକ ରାଜ୍ୟ ଋଣ ଭାରରେ ବୁଡ଼ି ରହିଛନ୍ତି, କିନ୍ତୁ ଲୋକପ୍ରିୟତା ହରାଇବା ଭୟରେ ଏହି ମାଗଣା ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ସାହସ କରୁନାହାନ୍ତି । ଏହା ଏକ ବିଷମ ଚକ୍ର ସୃଷ୍ଟି କରୁଛି, ଯେଉଁଠାରେ ସରକାର ଅଧିକ ଋଣ କରି ମାଗଣା ବାଣ୍ଟୁଛନ୍ତି ଏବଂ ଏହି ଋଣ ପରିଶୋଧ କରିବା ପାଇଁ ପୁଣି ବିକାଶମୂଳକ କାର୍ଯ୍ୟରୁ ପାଣ୍ଠି କାଟୁଛନ୍ତି । ଦୀର୍ଘକାଳୀନ ଭାବରେ, ଏହା ରାଜ୍ୟର ଅର୍ଥନୈତିକ ସ୍ଥିରତାକୁ ନଷ୍ଟ କରିଦେବାର ଆଶଙ୍କା ରହିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଅନେକ ଅର୍ଥନୀତିଜ୍ଞ ବାରମ୍ବାର ଏହି ବିପଦ ବିଷୟରେ ସତର୍କ କରାଇଛନ୍ତି, କିନ୍ତୁ ରାଜନୈତିକ ଲାଭ ଆଗରେ ଏହି ଚେତାବନୀଗୁଡ଼ିକ ଅଣଦେଖା କରାଯାଉଛି ।

ଏହି ସଂସ୍କୃତି କେବଳ ଅର୍ଥନୀତିକୁ ନୁହେଁ, ବରଂ ଗଣତନ୍ତ୍ରର ମୂଳ ଆତ୍ମାକୁ ମଧ୍ୟ କ୍ଷତି ପହଞ୍ଚାଉଛି । ଯେତେବେଳେ ଭୋଟରମାନେ ସରକାରଙ୍କ କାର୍ଯ୍ୟଦକ୍ଷତା, ନୀତି, ଏବଂ ଦୁର୍ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତଦାନ କରିବା ପରିବର୍ତ୍ତେ କେବଳ ବ୍ୟକ୍ତିଗତ ଲାଭକୁ ଦୃଷ୍ଟିରେ ରଖି ଭୋଟ୍ ଦିଅନ୍ତି, ସେତେବେଳେ ସରକାରଙ୍କର ଜବାବଦେହିତା କମିଯାଏ । ଶାସକ ଦଳ ଜାଣିଥାଏ ଯେ ନିର୍ବାଚନ ପୂର୍ବରୁ କିଛି ନଗଦ ଟଙ୍କା କିମ୍ବା ମାଗଣା ସାମଗ୍ରୀ ବାଣ୍ଟିଦେଲେ, ତାଙ୍କର ପାଞ୍ଚ ବର୍ଷର ଅପାରଗତା, ଦୁର୍ନୀତି, ଏବଂ ଭୁଲ ନୀତିକୁ ଲୋକେ ଭୁଲିଯିବେ । ଏହା ଏକ ପ୍ରକାରର 'ପ୍ରଲୋଭନର ଗଣତନ୍ତ୍ର' ସୃଷ୍ଟି କରୁଛି, ଯେଉଁଠାରେ ନାଗରିକଙ୍କୁ ଜଣେ ସଚେତନ ମତଦାତା ଭାବରେ ନୁହେଁ ବରଂ ଜଣେ ହିତାଧିକାରୀ ଭାବରେ ଦେଖାଯାଉଛି । ଏହି ପ୍ରକ୍ରିୟାରେ, ନାଗରିକ ଏବଂ ସରକାରଙ୍କ ମଧ୍ୟରେ ଥିବା ସମ୍ପର୍କ ମଧ୍ୟ ବଦଳିଯାଉଛି । ନାଗରିକ ନିଜକୁ ଦେଶର ମାଲିକ ମନେକରିବା ପରିବର୍ତ୍ତେ, ସରକାରଙ୍କ ଦୟାର ପାତ୍ର ବୋଲି ଭାବିବା ଆରମ୍ଭ କରୁଛି ।

ଏହାର ସମାଧାନ ପାଇଁ ଏକ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି । ସର୍ବପ୍ରଥମେ, ଭାରତର ନିର୍ବାଚନ ଆୟୋଗ ଏବଂ ସୁପ୍ରିମକୋର୍ଟଙ୍କୁ ଏହି ପ୍ରସଙ୍ଗରେ ଏକ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ । ନିର୍ବାଚନୀ ଇସ୍ତାହାରରେ କରାଯାଉଥିବା ଅବାସ୍ତବ ଏବଂ ଆର୍ଥିକ ଦୃଷ୍ଟିରୁ ଅସମ୍ଭବ ପ୍ରତିଶ୍ରୁତିଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ନିୟମ ପ୍ରଣୟନ କରାଯିବା ଆବଶ୍ୟକ । ପ୍ରତ୍ୟେକ ଦଳ ନିଜର ପ୍ରତିଶ୍ରୁତି ପାଇଁ ଆବଶ୍ୟକ ଅର୍ଥ କେଉଁଠାରୁ ଆଣିବେ, ତାହାର ଏକ ସ୍ପଷ୍ଟ ହିସାବ ଦେବା ବାଧ୍ୟତାମୂଳକ କରାଯିବା ଉଚିତ୍ । ଦ୍ୱିତୀୟତଃ, ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରୀ । ଲୋକଙ୍କୁ ବୁଝାଇବାକୁ ପଡ଼ିବ ଯେ ଏହି ମାଗଣା ଯୋଜନାର ଅର୍ଥ ସରକାର ନିଜ ପକେଟରୁ ଦେଉନାହାନ୍ତି, ବରଂ ଏହା ସେମାନଙ୍କ ଦ୍ୱାରା ଦିଆଯାଇଥିବା ଟିକସ ଟଙ୍କା । ତତକ୍ଷଣାତ୍ ଲାଭ ପାଇଁ ଦେଶର ଦୀର୍ଘକାଳୀନ ଭବିଷ୍ୟତକୁ ବାଜିରେ ଲଗାଇବା କେତେଦୂର ଯୁକ୍ତିଯୁକ୍ତ, ତାହା ସେମାନଙ୍କୁ ବିଚାର କରିବାକୁ ହେବ । ଶେଷରେ, ରାଜନୈତିକ ଦଳମାନଙ୍କୁ ମଧ୍ୟ ଆତ୍ମ-ମନ୍ଥନ କରିବାର ଆବଶ୍ୟକତା ରହିଛି । ନିର୍ବାଚନ ଜିତିବା ପାଇଁ ଶସ୍ତା ଲୋକପ୍ରିୟତା ପଛରେ ନ ଗୋଡ଼ାଇ, ସେମାନେ ଦେଶର ପ୍ରକୃତ ବିକାଶ ପାଇଁ ଏକ ଦୀର୍ଘମିଆଦୀ ଦୃଷ୍ଟିକୋଣ ନେଇ କାର୍ଯ୍ୟ କରିବା ଉଚିତ୍ ।

ଯଦି ଏହି ମାଗଣା ସଂସ୍କୃତି ଉପରେ ତୁରନ୍ତ ଲଗାମ ନ ଲଗାଯାଏ, ତେବେ ଭାରତୀୟ ଗଣତନ୍ତ୍ର ଏକ ଏପରି ପରିସ୍ଥିତିରେ ପହଞ୍ଚିବ, ଯେଉଁଠାରେ ନିର୍ବାଚନ କେବଳ ଏକ ଔପଚାରିକତା ହୋଇ ରହିଯିବ ଏବଂ ଶାସକ ଦଳ ସରକାରୀ ତହବିଲକୁ ବ୍ୟବହାର କରି ଅନନ୍ତ କାଳ ପାଇଁ କ୍ଷମତାରେ ରହିବାକୁ ସକ୍ଷମ ହେବ । ଏହା ଗଣତନ୍ତ୍ରର ମୃତ୍ୟୁଘଣ୍ଟି ସଦୃଶ ହେବ ।

# ବର୍ତ୍ତମାନର ଆଣବିକ ଶକ୍ତି ଓ ତାର ଭୟଭୟତା



ଡ. ଅମୂଲ୍ୟ କୁମାର ପଣ୍ଡା

ବର୍ତ୍ତମାନ ଆଣବିକ ଅସ୍ତ୍ର ଯେକୌଣସି ଦେଶର ଶକ୍ତିର ସବୁଠାରୁ ମଜବୁତ ଅସ୍ତ୍ର ଅଟେ। ବର୍ତ୍ତମାନ ଭାରତ ସମେତ ବିଶ୍ୱର ୯ ଟି ଦେଶରେ ଆଣବିକ ଅସ୍ତ୍ର ରହିଛି। ଗତ ବର୍ଷ ୨୦୨୨ ସୁଦ୍ଧା ଭାରତରେ ୧୬୦ ପରମାଣୁ ଅସ୍ତ୍ର ଥିଲା। ଭାରତ ପରମାଣୁ ଅସ୍ତ୍ରଶସ୍ତ୍ରର ଭଣ୍ଡାରକୁ ଆହୁରି ବୃଦ୍ଧି କରୁଛି। ଷ୍ଟକହୋମ ଆନ୍ତର୍ଜାତୀୟ ଶାନ୍ତି ଅନୁସନ୍ଧାନ ପ୍ରତିଷ୍ଠାନ (SIPRI) ଦାବି କରିଛି ଯେ, ଭାରତ ଆଣବିକ ଅସ୍ତ୍ର ସଂଖ୍ୟା ବୃଦ୍ଧି କରୁଛି । ରିପୋର୍ଟ ଅନୁଯାୟୀ, ଭାରତରେ ଲମ୍ବା ରେଞ୍ଜର କ୍ଷେପଣାସ୍ତ୍ର ଅଛି, ଯାହା ପଡୋଶୀ ଦେଶ ପାକିସ୍ଥାନ ଏବଂ ଚୀନ୍‌କୁ ମଧ ନଷ୍ଟ କରିପାରେ। ଆସନ୍ତୁ ଜାଣିବା ଭାରତ କିପରି ଏହାର ଭଣ୍ଡାର ବୃଦ୍ଧି କରୁଛି, ଯଦି ପରମାଣୁ ଅସ୍ତ୍ରଶସ୍ତ୍ର ସହିତ ଆକ୍ରମଣ କରିବାର ଆବଶ୍ୟକତା ଥାଏ, ତେବେ ଏହା କେତେ ଧ୍ୱଂସ ଘଟାଇବ ଏବଂ ପାକିସ୍ତାନ ଏବଂ ଚୀନ୍ କ'ଣ ପ୍ରସ୍ତୁତି କରୁଛନ୍ତି କ୍ଷ ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଭାରତରେ ୧୫୬ ପରମାଣୁ ଅସ୍ତ୍ର ଥିଲା, ଯାହାର ସଂଖ୍ୟା ୨୦୨୨ ରେ ୧୬୦ କୁ ବୃଦ୍ଧି ପାଇଛି। ଏଥି ସହିତ ପାକିସ୍ତାନରେ ୧୬୫ ପରମାଣୁ ଅସ୍ତ୍ର ରହିଛି। କିନ୍ତୁ ଯଦି ଆଣବିକ ଅସ୍ତ୍ର ବ୍ୟବହାର କରିବାକୁ ଆବଶ୍ୟକ ପଡେ, ତେବେ ପାକିସ୍ତାନ ଅପେକ୍ଷା ଭାରତ ଭଲ ବୋଲି ପ୍ରମାଣ କରିବ। କାରଣ ଭାରତରେ ଲଞ୍ଚ ପ୍ୟାଡ ଏବଂ ଅସ୍ତ୍ରଶସ୍ତ୍ର ପରିବହନ ଅଧିକ ରହିଛି। ପରମାଣୁ ଅସ୍ତ୍ରଗୁଡ଼ିକରେ ନଜର ରଖୁଥିବା ବିଶେଷଜ୍ଞଙ୍କ ମୁତାବକ ପାକିସ୍ତାନ ପାଖରେ ବର୍ତ୍ତମାନ ୧୪୦ରୁ ୧୫୦ ପରମାଣୁ ଅସ୍ତ୍ର ରହିଛି। ଯଦି ପରମାଣୁ ଅସ୍ତ୍ର ନିର୍ମାଣର ଏହି ଗତି ଜାରି ରହେ, ତେବେ ୨୦୨୫ ପର୍ଯ୍ୟନ୍ତ ଏହାର ସଂଖ୍ୟା ୨୨୦ ରୁ ୨୫୦ ପର୍ଯ୍ୟନ୍ତ ହୋଇଯିବ। ଏଭଳି ପାକିସ୍ତାନ ବିଶ୍ୱର ସର୍ବବୃହତ୍ ପରମାଣୁ ଅସ୍ତ୍ର ସମ୍ପନ୍ନ ରାଷ୍ଟ୍ର ହୋଇଯିବ। ଆମେରିକା ଗୁପ୍ତଚର ସଂସ୍ଥା ସି.ଆଇ.ଏ ର ପୂର୍ବତନ ଗୁଇନ୍ଦା ଅଧିକାରୀ କେବିନ ହଲବର୍ଟ କହିଛନ୍ତି ଯେ ପାକିସ୍ତାନ ଦୁନିଆର ସବୁଠାରୁ ଅଧିକ ବିପଦପୂର୍ଣ୍ଣ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ପାକିସ୍ତାନ ଅଧିକ ଭୟଙ୍କର ରୂପ ନେଇଛି, କାରଣ ଏହା ତିନିଟି ମୁଖ୍ୟ ସମସ୍ୟା ସହିତ ରହୁଛି। ଆତଙ୍କବାଦ, ଅର୍ଥବ୍ୟବସ୍ଥାର ଅଧୋଗତି ଆଉ ପରମାଣୁ ଅସ୍ତ୍ରର ଅଧିକ ସଂଗ୍ରହ। ଆର୍ଥିକ ସଙ୍କଟ ଦିଗରେ ଏହାଠାରୁ ଖରାପ ଅବସ୍ଥା ଉତ୍ତର କୋରିଆରେ ରହିଛି। ଏହି ଦୁଇ ଦେଶ ଭାରତ ଆଉ ଆମେରିକା ଉପରେ ପରମାଣୁ ଆକ୍ରମଣର ଧମକ ଦେଉଛନ୍ତି।

ବର୍ତ୍ତମାନ ବିଶ୍ୱରେ ୯ଗୋଟି ପରମାଣୁ ଶକ୍ତି ସମ୍ପନ୍ନ ଦେଶ ଅଛନ୍ତି: ଆମେରିକା, ରୁଷ, ଫ୍ରାନ୍ସ, ଚୀନ, ବ୍ରିଟେନ, ଭାରତ, ପାକିସ୍ତାନ, ଇସ୍ରାଏଲ ଏବଂ ଉତ୍ତର କୋରିଆ। ଏମାନଙ୍କ ମଧ୍ୟରୁ ଆମେରିକା, ରୁଷ, ଫ୍ରାନ୍ସ, ଚୀନ ଆଉ ବ୍ରିଟେନ ପାଖରେ ପରମାଣୁ ବୋମାର ବିଶାଳ ଭଣ୍ଡାର ରହିଛି। ତେବେ ପାଞ୍ଚ ଗୋଟି ଦେଶ ପରମାଣୁ ଅପ୍ରସାର ଚୁକ୍ତିରେ ସାମିଲ ଅଛନ୍ତି। ଏହି ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ପରମାଣୁ ଅସ୍ତ୍ରର ନିର୍ମାଣ ଓ ବିକାଶକୁ ସ୍ଥଗିତ ରଖିବା। ତେବେ ଏସବୁ ଦେଶ ଏହି ଉଦ୍ଦେଶ୍ୟକୁ ପୂରଣ କରିବାକୁ ଚେଷ୍ଟା କରୁନାହାନ୍ତି। ପାକିସ୍ତାନ ଚୋରି ମାଧ୍ୟମରେ ଉତ୍ତର କୋରିଆକୁ ପରମାଣୁ ଅସ୍ତ୍ରର ନିର୍ମାଣ କୌଶଳ ହସ୍ତାନ୍ତରିତ କରିଥିଲା; ତେଣୁ ଆଜି ସେ ମଧ୍ୟ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୂପେ ଗଢିଉଠିଛି। ପରମାଣୁ ଅସ୍ତ୍ର ଯଦି ଅପରିଣାମଦର୍ଶୀ ଶାସକ ବା ବ୍ୟକ୍ତିଙ୍କ ହାତରେ ପଡ଼େ, ତେବେ ତାହା ପୃଥିବୀ ଧ୍ୱଂସର କାରଣ ହେବା ବିଚିତ୍ର ନୁହେଁ। ବିଶ୍ୱର ୯ ଟି ଦେଶ – ଆମେରିକା, ଋଷ, ବ୍ରିଟେନ, ଫ୍ରାନ୍ସ, ଚୀନ୍, ଭାରତ, ପାକିସ୍ଥାନ, ଉତ୍ତର କୋରିଆ ଏବଂ ଇସ୍ରାଏଲର ଆଣବିକ ଅସ୍ତ୍ର ରହିଛି। ଜାନୁୟାରୀ ୨୦୨୩ ସୁଦ୍ଧା, ବିଶ୍ୱରେ ୧୨,୫୧୨ ପରମାଣୁ ଅସ୍ତ୍ର ଅଛି, ସେଥିମଧ୍ୟରୁ ୯,୫୭୬ ଟି ଅସ୍ତ୍ରଶସ୍ତ୍ର ସେନାବାହିନୀ ନିକଟରେ ଅଛି। ସେଥିମଧ୍ୟରୁ ୩,୮୪୪ ଟି କ୍ଷେପଣାସ୍ତ୍ର ଏବଂ ବିମାନ ସହିତ ନିୟୋଜିତ କରାଯାଇଛି। ବିଶେଷ ଭାବରେ ଋଷ ଏବଂ ଆମେରିକା ପ୍ରାୟ ୯୦% ସମସ୍ତ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ଅଟନ୍ତି। ଆଣବିକ ଅସ୍ତ୍ରଶସ୍ତ୍ରକୁ ଦୀର୍ଘଦିନଧରି ବିରୋଧ କରିବା ଏବଂ ଆଣବିକ ନିରସ୍ତ୍ରୀକରଣ ଉପରେ ଆବଶ୍ୟକ ପ୍ରକ୍ରିୟାର ଅଭାବ ସମ୍ପର୍କରେ ଆମ ଉଭୟଙ୍କ ଯେଉଁ ବିଚାର ରହିଛି ତା'ର ଏବେ ପ୍ରାସଙ୍ଗିକତା ରହିଛି। ତେବେ ୧୯୯୦ ଦଶକର ପ୍ରାରମ୍ଭରେ ଆଣବିକ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିବା ପ୍ରକ୍ରିୟାରେ ତୀବ୍ର ହ୍ରାସ ଘଟିବା ଦ୍ୱାରା କିଛି ଭୟ କମିଥିଲା। କିନ୍ତୁ ଯେଉଁ ଧାରାରେ ଗଚ୍ଛିତ ପ୍ରକ୍ରିୟାରେ ହ୍ରାସ ହେଉଥିଲା ତାହା ବନ୍ଦ ହୋଇଗଲା। ଏହା ମଧ୍ୟରେ ତିନି ଦଶନ୍ଧି ବିତିଗଲାଣି। ୯ଟି ଆଣବିକ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ ନିକଟରେ ପ୍ରାୟ ୧୩,୦୦୦ ଆଣବିକ ବୋମା ରହିଛି। ଏହି ଦେଶଗୁଡ଼ିକ ପର୍ଯ୍ୟାୟକ୍ରମେ ଏହାକୁ ହ୍ରାସ କରିବା ବଦଳରେ ଆଣବିକ ଅସ୍ତ୍ରର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ କରିବାରେ ଲିପ୍ତ ରହୁଛନ୍ତି। ଫଳରେ ଆଣବିକ ଅସ୍ତ୍ରଶସ୍ତ୍ର ବୃଦ୍ଧି ହେଉଛି। ଏହାର ଭୁଲ୍? ମୂଲ୍ୟାୟନ କରାଯିବା ଯୋଗୁ ଦୁର୍ଘଟଣା ମଧ୍ୟ ବଢୁଛି। ଏପରି କି ଆଣବିକ ଅସ୍ତ୍ରଶସ୍ତ୍ରସବୁ ବ୍ୟବହାର କଲେ ଏହାର ପ୍ରଳୟଙ୍କରୀ ପରିଣାମଗୁଡ଼ିକ କ'ଣ ହେବ ସେ ସମ୍ପର୍କରେ ଆମେ ଭଲ ଭାବେ ଅବଗତ ଥାଇ ମଧ୍ୟ ନିରସ୍ତ୍ରୀକରଣ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ । ଜାତୀୟ ନିରାପତ୍ତା ଦୃଷ୍ଟିରୁ ନିଆଯାଉଥିବା ଏକ ପଦକ୍ଷେପ, ଯାହା ସେହି ଦେଶ ଓ ଅନ୍ୟ ଦେଶର ଲୋକମାନଙ୍କ ଉପରେ ଏବଂ ଏବେ ମାନବତା ଉପରେ ଯେଉଁ ବିପଦ ସୃଷ୍ଟି କରୁଛି , ତାହାର ସ୍ଥାୟିତ୍ୱ ସମ୍ପର୍କରେ ସେମାନେ ବିଚାର କରିବା ଦରକାର। ତେବେ ଅସ୍ତ୍ରଶସ୍ତ୍ର ଆମକୁ ସୁରକ୍ଷା ଦେବ ବୋଲି ଯେଉଁ ବିଶ୍ୱାସ ଅଛି ତାହା ଏକ ମୌଳିକ ତ୍ରୁଟି ବୋଲି ଆମର ହୃଦ୍‌ବୋଧ ହୋଇଛି। ବାସ୍ତବରେ, ସେସବୁ ଆମ ସମସ୍ତଙ୍କ ତଥା ଆଗାମୀ ପିଢ଼ି ଉପରେ ବଡ଼ ବିପଦ ସୃଷ୍ଟି କରୁଛି।

ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ରରେ ସ୍ୱଳ୍ପ ଦୂରଗାମୀ ନସ୍ର, ହତଫ, ଗଜନଭି ଏବଂ ଅବଦାଲି କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ, ଯାହା ୬୦ ରୁ ୩୨୦ କିଲୋମିଟର ଦୂରତାରେ ଆକ୍ରମଣ କରିପାରିବ। ଯେଉଁଠାରେ ମଧ୍ୟମ ରେଞ୍ଜର କ୍ଷେପଣାସ୍ତ୍ର ଗୌରୀ ଏବଂ ଶାହିନ୍। ସେଗୁଡିକର ଷ୍ଟ୍ରାଇକ୍ ପରିସର ୯୦୦ ରୁ ୨୭୦୦ କିଲୋମିଟର ଅଟେ। ଯଦି ଏହି ଦୁଇ ଅସ୍ତ୍ର ମଧ୍ୟରେ ଆକ୍ରମଣ କରାଯାଏ, ତେବେ ଦିଲ୍ଲୀ, ଜୟପୁର, ଅହମ୍ମଦାବାଦ, ମୁମ୍ବାଇ, ପୁଣେ, ଭୋପାଳ, ନାଗପୁର ଏବଂ ଲକ୍ଷ୍ନୌ ପ୍ରଭାବିତ ହୋଇପାରେ। ଯଦି ଆମେ ଭାରତର ଶକ୍ତି ବିଷୟରେ କହିବା, ତେବେ ଏଥିରେ ବହୁ ଦୂରଗାମୀ କ୍ଷେପଣାସ୍ତ୍ର ଅଛି। ସର୍ଟ ରେଞ୍ଜକ୍ଷେପଣାସ୍ତ୍ରଗୁଡ଼ିକ ହେଉଛି ପୃଥ୍ୱୀ ଏବଂ ଅଗ୍ନି -୧, ଯାହାର ପରିସର ୩୫୦ ରୁ ୭୦୦ କିଲୋମିଟର ପର୍ଯ୍ୟନ୍ତ। ଯେଉଁଠାରେ, ଅଗ୍ନିର ପ୍ରକାରଗୁଡ଼ିକ ହେଉଛି ଅଗ୍ନି-୨ ଏବଂ ଅଗ୍ନି -୩, ଯାହାର ପରିସର ୨ ହଜାରରୁ ୩ ହଜାର କିଲୋମିଟର ପର୍ଯ୍ୟନ୍ତ। ଏହା ବ୍ୟତୀତ ଅଗ୍ନି-ଭି କ୍ଷେପଣାସ୍ତ୍ରର ଷ୍ଟ୍ରାଇକ୍ ରେଞ୍ଜ ହେଉଛି ୫ ହଜାର କିଲୋମିଟର। ଏହି କ୍ଷେପଣାସ୍ତ୍ରଗୁଡିକ ସାହାଯ୍ୟରେ ଭାରତ ପାକିସ୍ତାନର ଯେକୌଣସି କୋଣକୁ ପରମାଣୁ ଅସ୍ତ୍ର ଛାଡିପାରେ। ଅର୍ଥାତ୍ ଯଦି ଭାରତ ଅଳ୍ପ ଦୂରରୁ ଆଫଗାନିସ୍ତାନ ସୀମା ପର୍ଯ୍ୟନ୍ତ ଆଣବିକ ଅସ୍ତ୍ର ଛାଡିଦିଏ, ତେବେ ରାୱଲପିଣ୍ଡି, ଲାହୋର, ଇସଲାମାବାଦ ଏବଂ କରାଚିର ନାମ ଏବଂ ଚିହ୍ନ ଲିଭିଯିବ। ଆମେରିକାର ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନ୍‌ର ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଚୀନ୍?ରେ ୪୦୦ ପରମାଣୁ ଅସ୍ତ୍ର ଥିଲା, ଯାହାର ସଂଖ୍ୟା ୨୦୨୩ ମସିହାରେ ୫୦୦ରୁ ଅଧିକ ହୋଇଯାଇଥିଲା। ପେଣ୍ଟାଗନ୍ ଅନୁଯାୟୀ ଚୀନ୍ ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧି ଦିଗରେ ନିରନ୍ତର କାର୍ଯ୍ୟ କରୁଛି, ଯେଉଁ କାରଣରୁ ୨୦୩୦ ସୁଦ୍ଧା ସେଗୁଡିକର ସଂଖ୍ୟା ୧୦୦୦ ଏବଂ ୨୦୨୫ ସୁଦ୍ଧା ୧,୫୦୦ ରେ ପହଞ୍ଚିପାରେ।

ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ବଢୁଛି ପାକିସ୍ତାନର ଆଣବିକ ଧମକ । ଯଦି ପାକିସ୍ତାନର ସ୍ଥିତି ପ୍ରତି ବିପଦ ଆସେ ତେବେ ଆଣବିକ ଅସ୍ତ୍ର ପ୍ରୟୋଗ ଲାଗି ପଛଘୁଞ୍ଚା ଦିଆଯିବ ନାହିଁ ବୋଲି କହିସାରିଛନ୍ତି ପାକ୍ ମନ୍ତ୍ରୀ ହନିଫ ଆବାସି, ଆମେରିକା ଲାଗି ନିଯୁକ୍ତ ରାଷ୍ଟ୍ରଦୂତ ରିଜ୍ୱାନ ଶେଖ ଓ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ । ଦୁଇ ଦେଶ ମଧ୍ୟରେ ସୃଷ୍ଟ ଉତ୍ତେଜନା ପ୍ରଶମିତ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ନିକଟରେ ଅନୁରୋଧ କରିଥିଲେ ରାଷ୍ଟ୍ରଦୂତ ଶେଖ୍ । ଏବେ ପ୍ରଶ୍ନ ଉଠୁଛି ସମ୍ଭାବ୍ୟ ଆଣବିକ ଟେନ୍‌ସନରେ ଆମେରିକାର ଭୂମିକା କଣ ରହିବ । ଅତୀତରେ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଓ ଜର୍ଜ ଡବ୍ଲ୍ୟୁ ବୁଶଙ୍କ ସମୟରେ ପାକିସ୍ତାନର ଆଣବିକ ଅସ୍ତ୍ରର ସୁରକ୍ଷା ଲାଗି ଆମେରିକା ପଦକ୍ଷେପ ନେଇଥିଲା। ତେଣେ ବେଲାରୁଷ ଓ ଚୀନ ସହାୟତାରେ ପାକିସ୍ତାନ ଲଙ୍ଗରେଞ୍ଜ ମିସାଇଲ ଓ ପେଲୋଡ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ ଜାରି ରଖିଛି । ଏହି ଯୋଜନା ବଳରେ କିଛି ବର୍ଷ ମଧ୍ୟରେ ପାକିସ୍ତାନ ୩ ହଜାର କିଲୋମିଟର ଦୂରକୁ ହିଟ୍ କରିପାରୁଥିବା କ୍ଷେପଣାସ୍ତ୍ରର ଅଧିକାରୀ ହେବ । ପାକିସ୍ତାନକୁ ଆଣବିକ ଯନ୍ତ୍ରାଂଶ ସହଯୋଗ କରୁଥିବାରୁ ଚୀନ ଓ ବେଲାରୁଷର କେତେକ ଫାର୍ମ ସମେତ ପାକିସ୍ତାନର କେତେକ ସରକାରୀ ସଂସ୍ଥା ବିରୋଧରେ ଆମେରିକା କଟକଣା ଜାରି କରିସାରିଛି । ୨୦୧୫ରେ ପ୍ରଥମେ ପାକିସ୍ତାନ ପରୀକ୍ଷା କରିଥିବା ସାହିନ-୩ ମିସାଇଲର କ୍ଷମତା ୨ ହଜାର ୭୫୦ କିଲୋମିଟର ଥିଲା । ଏହାର ଅର୍ଥ ଭାରତର ଯେ କୌଣସି ସ୍ଥାନକୁ ହିଟ୍ କରିବାର କ୍ଷମତା ପାକିସ୍ତାନ ନିକଟରେ ରହିଛି ।

ଜାପାନର ଆଣବିକ ବିଧ୍ୱଂସରେ ବିଚଳିତ ହୋଇ ୯ ଜୁଲାଇ ୧୯୫୫ରେ ଆଲବର୍ଟ ଆଇନଷ୍ଟାଇନ ଓ ପ୍ରସିଦ୍ଧ ବ୍ରିଟିଶ ଦାର୍ଶନିକ ବର୍ଟ୍ରାଣ୍ଡ୍ ରସେଲ ସଂଯୁକ୍ତ ବିଜ୍ଞପ୍ତି ଜାରିକରି ଶାନ୍ତିର ଉପାୟ ଅବଲମ୍ବନ କରିବାକୁ ନିବେଦନ କରି କହିଥିଲେ, "ଏହା ନିଶ୍ଚିତ ଯେ ତୃତୀୟ ବିଶ୍ୱଯୁଦ୍ଧରେ ପରମାଣୁ ଅସ୍ତ୍ରର ପ୍ରୟୋଗ ହେବ। ଏଥିଯୋଗୁଁ ମଣିଷଜାତିର ଅସ୍ତିତ୍ୱ ସଙ୍କଟ ଦେଖାଯିବ; କିନ୍ତୁ ଚତୁର୍ଥ ବିଶ୍ୱଯୁଦ୍ଧ ଲାଠି ଆଉ ପଥର ମାଧ୍ୟମରେ ହେବ।" ଏହି ବିଜ୍ଞପ୍ତିରେ କୁହାଯାଇଥିଲା ଯେ, ନରସଂହାର କଳାଭଳି ସମସ୍ତ ଅସ୍ତ୍ରକୁ ନଷ୍ଟ କରିଦିଆଯିବା ଆବଶ୍ୟକ। ଆମର ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏହି ଭୟାବହତାକୁ ଅନୁଭବ କରିପାରିଥିଲେ। ସେଥିପାଇଁ ସେ ସଂଯୁକ୍ତ ରାଷ୍ଟ୍ରରେ ଆଣବିକ ଅସ୍ତ୍ରର ସମୂଳ ନଷ୍ଟ ପାଇଁ ପ୍ରସ୍ତାବ ରଖିଥିଲେ; କିନ୍ତୁ ପରମାଣୁ ମହାଶକ୍ତିଗୁଡ଼ିକ ଏହି ପ୍ରସ୍ତାବ ଉପରେ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ, କାରଣ ପରମାଣୁ ପ୍ରଭୁତ୍ୱରେ ହିଁ ସେମାନଙ୍କ ଶକ୍ତି ଅନ୍ତର୍ନିହିତ ରହିଛି। ବର୍ତ୍ତମାନ ପରମାଣୁ ଶକ୍ତି ସଂପନ୍ନ ଦେଶଗୁଡ଼ିକର ୟୁରାନିୟମର ବେପାର କରୁଛନ୍ତି। ସେମାନେ ପରମାଣୁ ଅସ୍ତ୍ରର ବିପଦକୁ ସାଉଁଟିବାରେ ବ୍ୟସ୍ତ ଅଛନ୍ତି। ଏପରି ରହିଲେ ସମ୍ଭାବ୍ୟ ବିଶ୍ୱ ଧ୍ୱଂସକୁ ଏଡ଼ାଇ ଦିଆଯାଇ ନ ପାରେ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

# ଏତେଦିନ ପରେ ଭାରତ ସରକାରଙ୍କର ବାଲେଶ୍ୱର ସାଟେଲାଇଟ୍ ସେଣ୍ଟର ଉପରେ ନଜର ପଡ଼ିଲା



ସୁବ୍ରତ କର

୭-୮ ବର୍ଷତଳେ ଭୁବନେଶ୍ୱର ଏମ୍ସ ତରଫରୁ ଏକ ୩୫୦ ଶଯ୍ୟା ବିଶିଷ୍ଟ ଏକ ସାଟେଲାଇଟ୍ ସେଣ୍ଟର ଡାକ୍ତରଖାନା ହବା ପାଇଁ ଠିକ ହୋଇଥିଲା ଏବଂ ଏହା ପାଇଁ ଜାତୀୟ ସଡ଼କ ପାଖରେ ଜାଗା (ପ୍ରାୟ ୨୫ ଏକର) ନିଆ ହୋଇ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା । ଏହା ଆରମ୍ଭ ହବା ପୂର୍ବରୁ ପ୍ରତିରକ୍ଷା ବିଭାଗ କଲୋନୀରେ ସପ୍ତାହକୁ ଥରେ ଲେଖାଏ ଏମ୍ସର ଓପିଡ଼ି କାର୍ଯ୍ୟକ୍ଷମ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୩୫ କୋଟି ଟଙ୍କା ଖର୍ଚ୍ଚ କରି ପାଚେରୀ କାମଟି ଶେଷ ହୋଇଥିଲା । ଏହି ପାଚେରୀ ଘେରା ଜାଗା (୨୫ ଏକର) ବହୁଦିନ ବ୍ୟବହାର ନ ହୋଇ ପଡ଼ିଥିଲା । ହଠାତ୍ ଥରେ ପାଇପ୍ ଲାଇନ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାଲେଶ୍ୱର ଆସିଥିଲେ ଏବଂ ସେହି ସମୟରେ ଏମ୍.ଏଲ.ଏ ମଙ୍ଗୁ ଭାଇଙ୍କୁ କହି ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଭ୍ୟମାନେ ଧର୍ମେନ୍ଦ୍ର ବାବୁଙ୍କୁ ଭେଟି ଏମ୍ସ ଡାକ୍ତରଖାନା ବିଷୟରେ କହିଥିଲେ । ତାଙ୍କ ସହିତ ବାବୁ ମନମୋହନ ସାମଲ ମଧ୍ୟ ଥିଲେ । ଧର୍ମେନ୍ଦ୍ର ବାବୁ ସେତେବେଳେ ଜବାବ୍ ରଖିଥିଲେ ଆସନ୍ତା ୩ ମାସ ଭିତରେ ଏମ୍ସ ଡାକ୍ତରଖାନାର ଶୁଭ ଦିଆଯିବ । ସତରେ ସେ ତାଙ୍କ କଥାକୁ ରଖି ଠିକ୍ ୩ ମାସ ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ବାବୁ ଜେ.ପି ନଡ୍ଡାଙ୍କୁ ସାଙ୍ଗରେ ଆଣି ଶୁଭ ଦେଇଥିଲେ ଏବଂ ଠିକ୍ ପରେ ପରେ ଡାକ୍ତରଖାନାର କାର୍ଯ୍ୟ ଆରମ୍ଭ କରା ହୋଇଥିଲା । ପରେ ପରେ ୨୦୨୦ ମସିହାରୁ ସପ୍ତାହରେ ଗୋଟାଏ ଦିନ ଏବଂ ୨୦୨୨ ଏପ୍ରିଲ ୧୬ ତାରିଖରୁ ଆଜି ପର୍ଯ୍ୟନ୍ତ ୩-୪ ଜଣ ଡାକ୍ତର ଭୁବନେଶ୍ୱର ଏମ୍ସରୁ ବିଭିନ୍ନ ବିଭାଗର ଡାକ୍ତରମାନେ ଆସୁଛନ୍ତି ଏବଂ ରୋଗୀ ମଧ୍ୟ ଦେଖୁଛନ୍ତି । ପ୍ରଥମ ସ୍ତରରେ ଭଲ ଭିଡ଼ ହେଉଥିଲା କିନ୍ତୁ ଏବେ ସେମିତି ଚାହିଦା ଥିବାର ଜଣା ପଡୁନାହିଁ ଏବଂ ଏଥିପାଇଁ ବହୁତ କାରଣ ଅଛି । ସବୁଠୁ ଦୁଃଖର କଥା ହେଲା ଡାକ୍ତରବାବୁ ମାନେ ରୋଗୀ ଦେଖି ଖାଲି ପ୍ରେସକ୍ରିପସନ୍ ଲେଖି ଏବଂ ପରାମର୍ଶ ଦେଇ ଫେରି ଯାଉଛନ୍ତି । ଏ ପର୍ଯ୍ୟନ୍ତ ବିଭିନ୍ନ ଟେଷ୍ଟ ପାଇଁ କୌଣସୁ ସୁବିଧା କରାଯାଇ ପାରି ନାହିଁ ଏବଂ ଯେଉଁ ଡାକ୍ତର ଥରେ ଦେଖିଲେ ସେ ଆଉ ଆସୁ ନାହାନ୍ତି, ତାଙ୍କ ବଦଳରେ ଅନ୍ୟ ଡାକ୍ତର ଆସୁଛନ୍ତି । ଏହାଛଡ଼ା ମେଡିସିନ୍ ଷ୍ଟୋର ନାହିଁ କି ଜରୁରୀ କାଳୀନ ଚିକିତ୍ସା ବ୍ୟବସ୍ଥା ମଧ୍ୟ ନାହିଁ । ଏହି ସବୁ ଅସୁବିଧା ଗୁଡ଼ିକୁ ସଜଡ଼ା ହୋଇ ପାରିଲେ ଏମ୍ସ ଡାକ୍ତରଖାନା ବାଲେଶ୍ୱର ଏବଂ ଆଖପାଖ ଲୋକଙ୍କୁ ଠିକ୍ ଭାବରେ ସେବା ଦେଇ ପାରନ୍ତା । ଏବେ ଖବର ଆସିଲା ବାଲେଶ୍ୱର ସାଟେଲାଇଟ୍ ସେଣ୍ଟର ପାଇଁ ୪୬ ପଦ ମଂଜୁରି ହୋଇପାରିଛି। ଏହା ମଧ୍ୟରୁ ୧୮ ଜଣ ସହକାରୀ ପ୍ରଫେସର ୧୮ ଜଣ ବରିଷ୍ଠ ରେସିଡେଣ୍ଟାଲ ଡାକ୍ତର ଏବଂ ୧୦ଟି ନର୍ସିଂ ପଦ ନିଯୁକ୍ତି ଦେବା ପାଇଁ ମଧ୍ୟ ଚିଠି ଆସିଛି । ନିଶ୍ଚିତ ଭାବରେ ଆମେମାନେ ବିଶେଷ କରି ବାଲେଶ୍ୱରବାସୀ ବହୁତ ଖୁସି । ଏବେ ହୁଏତ ଟିକିଏ କଥାକୁ କଟକ ଭୁବନେଶ୍ୱର ଯିବାକୁ ପଡ଼ିବ ନାହିଁ ଏବଂ ସବୁ ସୁବିଧା ଅଳ୍ପ ଖର୍ଚ୍ଚରେ ବାଲେଶ୍ୱରରେ ରୋଗୀ ଭଲ ହୋଇ ପାରିବେ । ଏହା ପାଇଁ ଧନ୍ୟବାଦର ପାତ୍ର ପ୍ରଥମେ ଧର୍ମେନ୍ଦ୍ର ପ୍ରଧାନ, ଆମର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଶେଷରେ ମେଡିକାଲ କ୍ରିୟାନୁଷ୍ଠାନ କମିଟି ।




## ମୋ ବିଦ୍ୟାଳୟ

ଦୀନବନ୍ଧୁ ପୋଇ

ଯେଉଁ ବିଦ୍ୟାଳୟେ ପଢୁ ଥିଲି ମୁହିଁ
ଯାଇଛି ତା ରୂପ ବଦଳି
ଥିଲା ଦିନେ ସିଏ ନଡା ଛପରର
ମାଟି କାନ୍ଥ ଭରା ଶିଉଳି ।

ମୋ ବେଳରେ ତାହା ନିପ୍ରା ଥିଲା
ଏବେ ଉପ୍ରା ହୋଇଛି
କକ୍ଷେ କକ୍ଷେ ତାର ନାମ ଦିଆଯାଇ
ସ୍ୱଚ୍ଛତା ତାହାର ବଢିଛି ।

ନାହିଁ ଆଜି ତାହା କି ସୁନ୍ଦର ଆହା
ପରିବେଶ ତାର ଦିଶୁଛି
ସରହଦ ତାର ପଥର ପାଚେରୀ
ସହଜରେ ଚିହ୍ନି ହେଉଛି ।

କାନ୍ଥ ଛାତ ତାର ଇଟା ସିମେଣ୍ଟର
ଢଳେଇର ଛାତ ହୋଇଛି
କାନ୍ଥରେ ତାହାର ଗୋଲାପି ରଙ୍ଗରେ
ନିଜକୁ ସଜେଇ ଦେଇଛି ।

ଦଣ୍ଡମୁକ୍ତ ମୋର ବିଦ୍ୟାଳୟ ହୋଇ
ଛାତ୍ର ଉପସ୍ଥାନ ବଢିଛି
ଏବେକାର ଛାତ୍ର ଘରେ ରହିବାକୁ
କହିଲେ ଅମଙ୍ଗ ହେଉଛି ।

ସେକାଳର ଛାଟ ଦେଖାଇଛି ବାଟ
ଶୃଙ୍ଖଳିତ ମୁହିଁ ହୋଇଛି
ବହୁ କଷ୍ଟ କରି ବିଭୁଙ୍କୁ ସୁମରି
ଶିକ୍ଷକ ଚାକିରି ପାଇଛି ।

ମାଗଣା ପୋଷାକ ମାଗଣା ବହିରେ
ପାଠ ପଢା ଏଠି ହେଉଛି
ମଧ୍ୟାହ୍ନ ଭୋଜନ ଖାଇ ଶିଶୁ ଗଣ
ସୁଷମ ଖାଦ୍ୟଟି ପାଉଛି ।

ନାହିଁ ମନେ ଭୟ ଅଛି ପାଠେ ଲୟ
ନାଚଗୀତ ଗାଇ ପଢୁଛି
ଜାତୀୟ ପରବେ ବାର୍ଷିକ ଉତ୍ସବେ
ବିଦ୍ୟାଳୟ ମୋର ହସୁଛି ।

ବିଦ୍ୟାର ମନ୍ଦିର ଏଅଟେ ଆମର
ସବୁ ଜ୍ଞାନ ଏଠି ମିଳଇ
ଦେଇ ମନଧ୍ୟାନ କରିଲେ ଅର୍ଜନ
ଗାଆଁ ମୋର ଯିବ ଆଗେଇ ।

+ ଗୋରଡ଼ା ପାଳ
କରମୂଳ, ଢେଙ୍କାନାଳ
(ମୋ) ୯୯୩୮୮୦୨୪୧୨

## ରାମ ରାଜ୍ୟ

ସରସ୍ୱତୀ ମେହେର

ସତ୍ୟ ଆଉ ଧର୍ମ ରେ ତିଆରି
ସେ ରାମ ରାଜ୍ୟ
ଯେଉଁଠି ଥିଲା ଶାନ୍ତି,ଆଉ ସାଧୁତା
ନ ଥିଲା ଅପରାଧ, ଅନ୍ୟାୟ ।
କୃଷକ ହସୁଥିଲା ଫସଲ ଦେଖି
ଗାଇ ଗାଇ ରାମ କଥା
ନାରୀ ଓ ପ୍ରଜା ପ୍ରତି ଥିଲା
ନ୍ୟାୟ ନିର୍ଭୀକତା ।
ଦୟା, ଶାନ୍ତି ଆଉ ସମ୍ମାନ
ମିଳୁ ପ୍ରତ୍ୟେକ ଜାଗା ରେ
ତାହା ହେଲେ ହେଇ ପାରିବ
ରାମ ରାଜ୍ୟ ଆମ ଦେଶରେ।

+ ସିନାପାଲି

# ମାଆର ପଣତ

ପ୍ରଣତି ଆଚାର୍ଯ୍ୟ ମିଶ୍ର





ରମେଶ ଡ୍ରଇଂ ରୁମରୁ..

ସଞ୍ଜୁ, ସଞ୍ଜୁ, ଦେଖିବ ଆସ ତୁମର ଗେହ୍ଲା ପୁଅ ତୁମ ପାଇଁ କେତେ କାନ୍ଦୁଛି। ଓଃ, ତୁମେ ମଧ.... ମୁଁ ରୋଷେଇ ଘରେ ଥିଲି। ଶାନ୍ତିରେ କିଛି କରିବାକୁ ଦେବନି ।

ସଞ୍ଜୁ ରୋଷେଇ ଘରୁ ବାହାରି ଆସି ରୁମାଲରେ ହାତ ପୋଛି ପୋଛି ସରାଗରେ କହିଲେ, ନବାବଙ୍କୁ ଏବେ ମା ଦରକାର, ସେଥିପାଇଁ କାନ୍ଦୁଛି । ବଡ ହେଲେ ... ସେତେବେଳେ ମା କୁ କିଏ ପଚାରେ ?

ସଞ୍ଜୁର କଥା ଶୁଣି ରମେଶ ହଠାତ୍ ଗମ୍ଭୀର ହୋଇଗଲେ। ତାଙ୍କ ମାଆଙ୍କ ଅସହାୟ ମୁହଁ ହଠାତ୍ ତାଙ୍କ ଆଖି ଆଗକୁ ଆସିଲା । ତାଙ୍କ ବାପା, ମା ନିଶ୍ଚୟ ସମାନ କଷ୍ଟ ଭୋଗିଥିବେ। ବାପାଙ୍କର ପନ୍ଦର ହଜାର ଟଙ୍କା ଦରମାର ଏକ ପ୍ରାଇଭେଟ ଚାକିରି । ଓଭରଟାଇମ୍ ଯୋଗୁଁ କ୍ଳାନ୍ତ ବାପାଙ୍କ ମୁହଁ ତାଙ୍କ ଆଖି ଆଗରେ ଝଲସି ଉଠିଲା। କେବଳ ସେ ହିଁ ଜାଣିଥିବେ ଏତେ କମ ଦରମାରେ ଚାରି ଜଣଙ୍କ ପରିବାର ପୋଷିବା କେତେ କଷ୍ଟ । ବାପାଙ୍କ ମୃତ୍ୟୁ ପରେ ମାଆ ଏକାକୀ ଏବଂ ଅସହାୟ ହୋଇଯାଇଥିଲେ। ଏପରି ସ୍ଥିତିରେ, ଜଣେ ଅସହାୟ ମାଆଙ୍କୁ ପାଖରେ ନ ରଖିବା କେତେ ନିନ୍ଦନୀୟ ।

ମୁଁ ଜାଣେ, ବଡ଼ ଭାଇ ମାଆଙ୍କୁ ତାଙ୍କ ପାଖରେ ରଖିଛନ୍ତି କିନ୍ତୁ ମା'ଙ୍କୁ ପାଖରେ ରଖିବା କଣ ମୋର କର୍ତ୍ତବ୍ୟ ନୁହେଁ? ମାଆଙ୍କୁ ମୋ ପାଖରେ ରଖିଲେ ମୋର କଣ ସମ୍ପତ୍ତି ସରି ଯାଉଛି। ଏହା ପ୍ରେମର କଥା, ଭକ୍ତିର କଥା। ତେବେ ମୋ ମନରେ ଏହି ଈର୍ଷା କେଉଁଠୁ ଆସିଲା.... ?

ରମେଶ ପୁରୁଣା ସ୍ମୃତିରେ ହଜି ଯାଇଥିଲେ। ବୋଉର ବଡ଼ ଭାଇ ଘରକୁ ଯିବାକୁ ଆଦୌ ଇଚ୍ଛା ନଥିଲା, ତଥାପି ସଞ୍ଜୁର ଚାପରେ ମୁଁ ତାଙ୍କୁ ଭାଇଙ୍କ ଘରକୁ ପଠାଇଦେଲି। ଥରେ ଫୋନ୍ କରି ବୋଉ କଥା ବୁଝିବାକୁ ଇଚ୍ଛା ହେଲା ତାଙ୍କର,

ସେ ତାଙ୍କ ଭାଇଙ୍କୁ ଫୋନ୍ ଲଗାଇଲେ।

ତାଙ୍କୁ ଫୋନ୍ କରୁଥିବା ଦେଖି ସଞ୍ଜୁ କହିଲା, 'ତୁମେ ପୁଣି ନିଜ ମା'କୁ ପାଖରେ ରଖିବାକୁ ଯୋଜନା କରୁଛ ନା କ ଣ ? ଦେଖ କହି ଦେଉଛି ମୁଁ ତୁମ ମାଆ ରହିଲେ ଏଠାରେ ରହିବିନି । କାମ ଦାମ କିଛି ନାହିଁ ତାପରେ ପୁଣି ଚା ଜଳଖିଆ.. ମୋ କାମ ବଢାଇ ଦିଅନ୍ତି। ସଞ୍ଜୁ ବିରକ୍ତ ସ୍ୱରରେ କହିଲା।

ସଞ୍ଜୁ, ଭୁଲିଯାଅନି ଆମେ ବି ଦିନେ ବୁଢା ବୁଢୀ ହେବା। ଯଦି ଆମର ପିଲାମାନେ ଆମ ସହିତ ଏପରି ବ୍ୟବହାର କରିବେ ତେବେ ଆମକୁ କେମିତି ଲାଗିବ, ରମେଶ କହିଲେ।

'ଯାହା ହେଉନା କାହିଁକି, ମାଆଙ୍କ ଯତ୍ନ ନେବା କେବଳ ଆମ ଦାୟିତ୍ୱ କି ? ତାଙ୍କର ଆଉ ଗୋଟିଏ ପୁଅ ବୋହୂ ଅଛନ୍ତି। ଆମର ଏତେ ରୋଜଗାର ମଧ ନାହିଁ । ତା' ଉପରେ, ଆମକୁ ପାଞ୍ଚ ଜଣଙ୍କ ଯତ୍ନ ନେବାକୁ ପଡିବ। ସେ ଏଠାରେ ରହିଲେ ଖର୍ଚ୍ଚ ବଢ଼ିଯାଉଛି। ପ୍ରତି ମାସରେ ଔଷଧ ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି ।' ସଞ୍ଜୁ ବିରକ୍ତ ହୋଇ କହିଲା।

ରମେଶ ରାଗି ଯାଇ କହିଲେ, 'ସଞ୍ଜୁ! ବନ୍ଦ କର। ବୋଉ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ହିସାବ ରଖିଛ। ମାଆ ହେବା ପରେ ମଧ.... ଜାଣିନ ଯେ ପିତାମାତା ସେମାନଙ୍କ ପିଲାମାନଙ୍କୁ କେତେ କଷ୍ଟରେ ବଢାଇଥାନ୍ତି ।

ବୋଉର କୋହଭରା କଥା ତାଙ୍କ କାନରେ ଗୁଞ୍ଜରିତ ହେଲା ।

'ମୁଁ କେଉଁଆଡ଼େ ଯିବି ପୁଅ ? ଉମେଶର ସ୍ତ୍ରୀ ମୋତେ ଦେଖିବାକୁ ମଧ ଚାହେଁନି ।

ତୋ ବାପା ଚାଲିଗଲେ, ଯଦି ତୁମେ ଦୁହେଁ ମୋତେ ନପଚାରିବ , ତେବେ ମୁଁ ବୁଢ଼ୀ ମଣିଷ କଣ କରିବି ?

ମାଆ ଯିବା ସମୟରେ କେତେ ଅନୁରୋଧ କରୁଥିଲା ।

'ମୁଁ କ'ଣ କରିବି, ବୋଉ ? ତୁ ତ ଦେଖୁଛୁ ସଞ୍ଜୁ ଆଉ ତୁ ପରସ୍ପର ସହ ମିଶିପାରୁନ, ମୋର ରୋଜଗାରରେ ତୋ ଔଷଧ ଖର୍ଚ୍ଚ ପିଲାଙ୍କ ଖର୍ଚ୍ଚ....... ।' ରମେଶ ଟିକିଏ ସଂକୋଚ କରି କହିଲେ।

'ବାଃ, ପୁଅ! ଆମେ ତୁମ ଦୁଇ ଭାଇଙ୍କୁ କେତେ କଷ୍ଟରେ ବଡ଼ କରିଛୁ। ଆମେ ନିଜେ କଷ୍ଟ ସହିଛୁ, କିନ୍ତୁ ତୁମ ଦୁହିଁଙ୍କୁ କେବେ କୌଣସିରେ ଅବହେଳା କରିନୁ । ଆଜି, ତୁମ ଦୁହିଁଙ୍କ ପାଇଁ ଏକା ମୋ ଖର୍ଚ୍ଚ ବହନ କରିବା ଶକ୍ତି ନାହିଁ। ଏବେ, ତୁମକୁ ମାଆ ନୁହେଁ, ସ୍ତ୍ରୀ ଆବଶ୍ୟକ।

ଏସବୁ ଭାବନାରେ...

ରମେଶଙ୍କ ହୃଦୟ ଅନୁତାପରେ ପୂର୍ଣ୍ଣ ହୋଇଗଲା। ସେ ତୁରନ୍ତ ତାଙ୍କ ଭାଇଙ୍କୁ ବୋଉ ବିଷୟରେ ପଚାରିବା ପାଇଁ ଫୋନ୍ କଲେ,

ସେପଟେ ଭାଉଜ ଫୋନ୍ ଉଠାଇଲେ!

'ନମସ୍କାର, ଭାଉଜ ମୁଁ ରମେଶ । ବୋଉ ପାଖରେ ଅଛନ୍ତି କି? ତାଙ୍କୁ ଟିକେ ଫୋନ୍ ଦିଅ ମୁଁ କଥା ହେବି।

'ଆରେ ବୋଉ ପରା ତୁମ ଘରେ ଥିଲେ? ସେ ଏଠାକୁ ଏକା କିପରି ଆସିବେ?' ସେ ଏଠାରେ ନାହାନ୍ତି।

ଯଦି ବୋଉ ସେଠାରେ ନାହିଁ, ତେବେ ସେ କୁଆଡ଼େ ଗଲା? ରମେଶ ଭୟଭୀତ ସ୍ୱରରେ ପଚାରିଲେ।

'ମୁଁ କିପରି ଜାଣିବି? ଏହା କହି ଭାଉଜ ଫୋନ୍ କାଟି ଦେଲେ।

ଯଦି ବୋଉ ସେଠାକୁ ଯାଇନି, ତେବେ ସେ କୁଆଡ଼େ ଗଲା? ହେ ଭଗବାନ, ମୁଁ ତାଙ୍କୁ ଏବେ କେଉଁଠି ଖୋଜିବି? ରମେଶ ମୁଣ୍ଡରେ ହାତରଖି ସୋଫାରେ ଥକ୍ କି ବସିପଡିଲେ

ଏଇ ନିଅ, ଚା ପିଅ।

ସଞ୍ଜୁ ଚା' କପ୍‌ଟି ରମେଶଙ୍କ ସାମ୍ନାରେ ଟେବୁଲ ଉପରେ ରଖିଲା।

'ମୁଁ ଚା ଫା ପିଇ ପାରିବିନି । ତୁମେ ହିଁ ମୋ ବୋଉକୁ ଘରୁ ବାହାର କରିଦେଇଥିଲ। ଏବେ ସେ ଭାଇଙ୍କ ଘରେ ମଧ ନାହିଁ । ମୁଁ ଜାଣିନି ମୋ ବୋଉ କେଉଁଠି ଅଛି? ତାଙ୍କର ଅବସ୍ଥା କ'ଣ? ଯଦି ତାଙ୍କ ସହିତ କିଛି ଅଘଟଣ ଘଟିଥିବ...' ରମେଶ ପିଲା ପରି କାନ୍ଦିବାକୁ ଲାଗିଲେ।

ସଞ୍ଜୁ ମଧ ଗଭୀର ଭାବରେ ଅନୁତାପ କରୁଥିଲା। ସେ ହୃଦୟରୁ ଏତେ ଖରାପ ନଥିଲେ। ସେ ଭାବୁଥିଲେ ଯେ ରମେଶଙ୍କ ବଡଭାଇ ଜଣେ ବ୍ୟାଙ୍କ ମ୍ୟାନେଜର ଏବଂ ଭଲ ଦରମା ପାଉଥିଲେ। ଯଦି ତାଙ୍କ ଶାଶୁ ସେଠାରେ ରହିବେ, ତେବେ ସେ ଆରାମରେ ରହିବେ ଏବଂ ତାଙ୍କର ଖର୍ଚ୍ଚ ମଧ ସଞ୍ଚୟ ହେବ। କିନ୍ତୁ ତାଙ୍କର ଧାରଣା ନଥିଲା ଯେ ଶାଶୁ ସେଠାକୁ ଯିବେନି । ଯଦି ତାଙ୍କ ସହିତ କିଛି ହୋଇଯାଏ, ତେବେ ସେ କେବେ ନିଜକୁ କ୍ଷମା କରିବେ ନାହିଁ। ସେ ବାରମ୍ବାର ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ। 'ହେ ଭଗବାନ, ମୋ ଭୁଲ ପାଇଁ ମାଆଙ୍କୁ ଦଣ୍ଡ ଦିଅନି।

ରମେଶ ଓ ସଂଜୁ ଉଭୟ ମାଆଙ୍କୁ ସବୁଠି ଖୋଜିଲେ, କିନ୍ତୁ ପାଇଲେନି । ସେମାନେ ପୋଲିସ ରିପୋର୍ଟ ଦାୟର କଲେ। କିଛି ଦିନ ପରେ ଜାଣିପାରିଲେ ଯେ ସେ ଏକ ବୃଦ୍ଧାଶ୍ରମରେ ଅଛନ୍ତି । ରମେଶ ଓ ସଂଜୁ ସେଠାକୁ ଦୌଡ଼ିଲେ । ସେଠାରେ ପହଞ୍ଚିବା ପରେ, ସଞ୍ଜୁ ତାଙ୍କ ଶାଶୁଙ୍କ ପାଦ ଧରି କହିଲେ, ଦୟାକରି ମୋତେ କ୍ଷମା କରିଦିଅ ମା। ମୁଁ ଭୁଲ କରିଛି।

ହେଉ, ଅଧିକ ଅଭିନୟ କରେନା । ମୁଁ ତୁମ ସମସ୍ତଙ୍କ ଉପରେ ବୋଝ ଥିଲି, ସେଥିପାଇଁ ଏଠାକୁ ଆସିଛି। ଏବେ, ତୁମେ ଆରାମରେ ରୁହ । ମୋର ଆର୍ଶୀବାଦ ତୁମ ସମସ୍ତଙ୍କ ଉପରେ ଅଛି।

ହେଲେ ପୁଅ, ଭଗବାନ ନକରନ୍ତୁ ଯେ ତୁମ ପିଲାମାନେ ମଧ ତୁମ ପରି ହୋଇଯାଆନ୍ତୁ। ମୁଁ ଚାହୁଁନାହିଁ ଯେ ତୁମେବି ବୃଦ୍ଧାବସ୍ଥାରେ ଏପରି ଦିନ ଦେଖ। ଜୀବନର ସନ୍ଧ୍ୟା ସମୟରେ, ସମସ୍ତେ ଶେଷ ମୁହୂର୍ତ୍ତଗୁଡ଼ିକ ପ୍ରିୟଜନଙ୍କ ସହିତ ବିତାଇବାକୁ ଚାହାଁନ୍ତି। କିନ୍ତୁ ମୋର ସୌଭାଗ୍ୟ କାଇଁ ?

'ବୋଉ ମୋତେ କ୍ଷମା କରିଦେ । ମୋତେ ଏବେ ବି ତୋର ଆଶୀର୍ବାଦ ଦରକାର । ଏବେବି ତୋ ପଣତ କାନିରେ ମୁହଁ ପୋଛିବାକୁ ଇଚ୍ଛା, ବୋଉ ଘରକୁ ଯିବା ଚାଲ୍ ।' ଭାବପ୍ରବଣ ହୋଇ ରମେଶ କହିଲେ।

'ହଁ, ମା। ଅତୀତକୁ ଭୁଲିଯାଅ। ସେଇଟା ତୁମ ଘର। ଆମେ ତୁମର । ସଞ୍ଜୁ ଅନୁତାପପୂର୍ଣ୍ଣ ସ୍ୱରରେ କହିଲା।

ମା'ଙ୍କ ଆଖି ଲୁହରେ ଭରିଗଲା, ସେ ଉଭୟଙ୍କୁ ଏକ ଭାବପ୍ରବଣ ଆଲିଙ୍ଗନ କଲେ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ସମୟର ଦୋଛକିରେ ଫେରାର୍ ଫଗୁଣ

ଜ୍ୟୋତ୍ସ୍ନା ମିଶ୍ର ପାଣିଗ୍ରାହୀ



ସୁନୀଳ ଆକାଶ...!!!

ତଳେ ଥିଲା ସବୁଜଘାସର ଲନ୍ ଆଉ ମୁଠାମୁଠା ମଲ୍ଲୀ, ହେନା, ଗୋଲାପର ଫୁଲ...!!!

କେତେ ସୁନ୍ଦର ଥିଲା...!!!

ସୁଉଚ୍ଚ ଅଟ୍ଟାଳିକା....

ବିସ୍ତୀର୍ଣ୍ଣ ରାସ୍ତା....

ସୁନ୍ଦର ସହର.....

ହେଲେ ସବୁକିଛି ନିମିଷରେ ଛାରଖାର୍। ଗୁଳିଗୋଳା ଓ ବିସ୍ଫୋରଣ ଶବ୍ଦରେ ପ୍ରକମ୍ପିତ ଚତୁର୍ଦ୍ଦିଗ। ବାରୁଦ ଧୂଆଁରେ ଶ୍ୱାସରୁଦ୍ଧ ମଣିଷ। ଆଶଙ୍କା ଓ ଆତଙ୍କ ଭିତରେ ଦୋଳାୟମାନ ଜୀବନ। ଧ୍ୱଂସସ୍ତୁପ ମଧ୍ୟରେ ଉଙ୍କୁଡ଼ି ଯାଇଛି ବର୍ଷବର୍ଷର ସାଇତା ସମ୍ପତ୍ତି। ଘର ବାହାରେ ଶତ୍ରୁସୈନ୍ୟଙ୍କ ଛାଉଣି.... ଆକାଶରୁ ପ୍ରତି ମୁହୂର୍ତ୍ତରେ ଖସୁଛି ଅଗ୍ନି ପିଣ୍ଡୁଳା...।

ଯେଉଁ ସହର ଦିନେ ବଞ୍ଚିବାର ସବୁକିଛି ମାଧମ ଖଞ୍ଜି ଦେଇଥିଲା, ତାହା ଏବେ ଶତ୍ରୁପକ୍ଷର ଘନଘନ ମିଶାଇଲ୍ ମାଡ଼ରେ ବଞ୍ଚିବାକୁ ରାହା ଖୋଜୁଛି। ଭୂତଳ ହିଁ ପାଲଟିଛି ଏକମାତ୍ର ସୁରକ୍ଷିତ ସ୍ଥାନ। ବଙ୍କର ଭିତରେ ବସି ଏମିତି ଭାବି ହେଉଥିଲା ରାଜ୍। ଜେ.ଏନ୍.ୟୁ.ରୁ ପି.ଏଚ.ଡି ସାରିବା ପରେ ସେ ରିସର୍ଚ୍ଚ ସ୍କଲାର ଭାବେ ଇଉକ୍ରେନ୍‌କୁ ଆସିଥିଲା। ବିଭିନ୍ନ ଭାଷାରେ ଯଥା - ଫ୍ରେଞ୍ଚ୍, ଜର୍ମାନୀ, ଜାପାନିଜ୍, ଋଷିଆନ୍ ଆଦିରେ ସେ ମଧ କୋର୍ସ କରିଥିଲା। ତେଣୁ ଟ୍ରାନ୍ସଲେଟର୍ ଜବ୍ ତାକୁ ଏଠାରେ ମିଳିଯାଇଥିଲା ସେଇ ୟୁନିଭରସିଟିରେ ଥରେ କେଉଁ ଗୋଟେ ସେମିନାରରେ ଦେଖା ହେଇଥିଲା ଜୋଲେନସ୍କି ସହ। ସିଏ ବି ସେଇଠି ରିସର୍ଚ୍ଚ ସ୍କଲାର୍ ଥିଲା। ଖାରକିଭ୍ ସହର ତା' ଜନ୍ମସ୍ଥାନ ଥିଲା। ଆଉ ଏବେ କର୍ମସ୍ଥଳୀ। ପ୍ରଥମଦେଖାରେ ହିଁ ସେ ଜୋଲେନସ୍କିକୁ ଭଲପାଇ ବସିଲା। ଢ଼ଳଢ଼ଳ ତା' ଆଖିରେ ଅଦ୍ଭୁତ ଏକ ନିଜର ନିଜର ଭାବ ଥିଲା। ସେଥର ୟୁନିଭରସିଟିର ଅଡିଟୋରିୟମ୍‌ରେ ସେମିନାର ପରେ କଲଚରାଲ୍ ପ୍ରୋଗ୍ରାମରେ ସେ ଯେତେବେଳେ ରମେୟା ବାସ୍ତାଭୈୟା, ମୈନେ ଦିଲ୍ ତୁଝ୍‌କୋ ଦିୟା..ଗୀତଟା ଗାଇଥିଲା, କରତାଳିରେ ହଲ୍ କମ୍ପିଥିଲା। ଏଇ ଜେଲେନସ୍କି ଆଉ ତା' ସାଙ୍ଗମାନେ ଓ୍ୱାନ୍ ମୋର ଓ୍ୱାନ୍ ମୋର ଅନୁରୋଧ କରିବାରୁ ସେ ଗାଇଥିଲା, ଏକ ଲଡ଼କୀ କୋ ଦେଖା ତୋ ଐସେ ଲଗା..." ଅଟୋ ଟ୍ରାନ୍ସଲେଟ୍ ହେଇ ୟୁକ୍ରେନ୍ ଭାଷାରେ ଗୀତଟି ଡିସ୍ପ୍ଲେ ବୋର୍ଡ଼ରେ ବି ବାହାରୁଥିଲା ଆଉ ଜୋଲେନ୍‌ସ୍କି ମନଯୋଗ ଦେଇ ସେସବୁ ପଢୁଥିଲା।



ଜାଣିଶୁଣି ସେ ଶେଷରେ ଗାଇଥିଲା ଆପ୍ କେ ଅନୁରୋଧ ପେ ମେରେ ଦିଲ କେ ୟେ ବାତେଁ ଆପକୋ ଶୁନାଇ....। ପଢ଼ିସାରିବା ପରେ ଜୋଲେନ୍‌ସ୍କି ତାକୁ ଚାହିଁଦେଇ ହସିଦେଲା।

ସ୍ନେହ, ଶ୍ରଦ୍ଧା, ଆଦରପଣିଆ ବା କେଉଁ ଭାଷା ବୁଝେ...!!!

ଆବିଳତାହୀନ ଭଲପାଇବା କିଛି ମାନେନା। ଅନ୍ତରର ଶୁଦ୍ଧତା, ନିଃସର୍ତ୍ତ ପ୍ରେମ ଓ ହୃଦୟର ଆବେଗ ହିଁ ଏଠାରେ ପାଇଥାଏ ପ୍ରାଥମିକତା। ଜୋଲେନ୍‌ସ୍କି ଆଉ ସେ ପରସ୍ପରକୁ ମନ ଦେଇ ବସିଥିଲେ। ସେମାନଙ୍କ ସଖ୍ୟ ସାନ୍ନିଧ, ଅଭେଦପ୍ରୀତି ଉଭୟଙ୍କୁ କେଉଁ ଏକ ମଧୁର ଚିନ୍ମୟ ବଂଶୀନାଦରେ ସମ୍ମୋହିତ କରି ରଖିଥିଲା। ସେଇଠି ପାଖ କୋର୍ଟରେ ସେମାନେ ରେଜେଷ୍ଟ୍ରିମ୍ୟାରେଜ୍ କରିଥିଲେ।

ଆଖିପିଛୁଳାରେ ସମୟ ଗ୍ଳିଯାଉଥିଲା....। ଖୁସିର ସମୟ ସବୁ ବୋଧେ ଏଇମିତି...!!! ଜୋଲେନସ୍କିର ସ୍ୱପ୍ନ ସବୁ ସାକାର କରିବା ହିଁ ଥିଲା ତା'ର ପ୍ରଥମ ପ୍ରାଥମିକତା। ତେଣୁ ବିରାଟ ଏକ ଲନ୍ ଆଉ ବଗିଚା ସହ ଏକ ସୁନ୍ଦର ଘର ସେ ତା'ପାଇଁ କରିଥିଲା। ଲନ୍‌ର ଘାସ ଗାଲିଚ୍ଚାରେ ମଧରାତ୍ରର ଭିଜାଭିଜା ଚ୍ଚନ୍ଦିନୀ ତଳେ ଯେତେବେଳେ ତା'କୋଳରେ ମୁଣ୍ଡ ରଖି ଶୋଇଶୋଇ ଜୋଲେନସ୍କି ତା' ସ୍ୱପ୍ନ ସବୁ ତାକୁ ଶୁଣାଏ, ସେ କେଉଁ ଏକ ପରୀରାଇଜରେ ହଜିଯାଏ। ଏଥର ଦୁଇରୁ ଶୀଘ୍ର ତିନି ହେବାପାଇଁ ଜୋଲେନସ୍କି ଚ୍ଚହୁଁଥିଲା। ସେ ମଧ ଆଉ ଡେରି କରିବନି ବୋଲି ଠିକ୍ କଲାବେଳକୁ ଅଚାନକ ଯୁଦ୍ଧର ବିଗୁଲ୍ ବାଜି ଉଠିଲା...!!!!

ରୁଷ୍‌ର ମିଶାଇଲ୍ ମାଡ଼ରେ ତା' ଘର ଧ୍ୱସ୍ତ....

ୟୁନିଭରସିଟି ବି ଧ୍ୱଂସ ହେଇଯାଇଛି। ପାଖରେ ଥିବା ଖାଦ୍ୟ, ପାନୀୟ, ଅର୍ଥ ସବୁ ସରିଗଲାଣି। ଏବେ ସେ କ'ଣ କରିବ? ପ୍ରାୟ ଭାରତୀୟମାନେ ଟ୍ରେନ୍, ବସ୍ ଆଦିରେ ପାଖ ଦେଶକୁ ଯାଇ ସେଠାରୁ ଭାରତକୁ ଫେରି ଯାଉଛନ୍ତି। ସେ ତ ଚ୍ଚହିଁଲେ ଫେରିଯାଇ ପାରିବ। ହେଲେ ଜୋଲେନସ୍କି...? ତା' ପ୍ରିୟତମା 'ଜୋ' କ'ଣ କରିବ..?

ତା'ର ତ ଭିସା ହିଁ ନାହିଁ। ସେ ତ ଭାରତକୁ ଯାଇପାରିବନି। ଦ୍ୱନ୍ଦ୍ୱରେ ପଡ଼ିଥିଲା ରାଜୁ। ଜୀବନ କେତେବେଳେ କେଉଁ ପରିସ୍ଥିତିରେ ପକାଏ ଯେ, କେହି ଜାଣି ନଥାନ୍ତି। ପ୍ରିୟତମା ଜୋ ତା'ଜୀବନ, ହେଲେ ସେଇ ଜୀବନର ରକ୍ଷା ତଥା ଭରଣପୋଷଣ ପାଇଁ ଏବେ ସାମାନ୍ୟରୁ ସାମାନ୍ୟତମ ଅର୍ଥ ହିଁ ତା'ପାଖରେ ନାହିଁ। ଲବିବ୍ ସହରର ଷ୍ଟେସନ୍ ପାଖରେ ସେମାନେ ପହଞ୍ଚିଲେଣି। ଆଖି ବନ୍ଦ୍ କରି ଭାବି ହେଉଥିଲା ରାଜ୍। ହଠାତ୍ କିଏ ହଲେଇ ଦେବାରୁ ସେ ଆଖିଖୋଲି ଦେଖିଲାବେଳକୁ ସୈନିକ ପୋଷାକରେ ସଜ୍ଜିତ ଜୋଲେନସ୍କି ତାକୁ ସାଲ୍ୟୁଟ କରିଲା। ତା' ହାତକୁ ନିଜ ହାତରେ ଧରି କହିଲା, ଏଇଠୁ ଆମେ ନିଜନିଜ ଦେଶପାଇଁ ବଞ୍ଚିବା। ତମେ ଭାରତ ଫେରିଯାଅ। ମୁଁ ଆମ ଦେଶପାଇଁ ଲଢ଼ିବି। ଯଦି ଯୁଦ୍ଧରୁ ବଞ୍ଚିରହେ, ତେବେ ଆମେ ପୁଣି ଏକାଠି ହେବା। ଟ୍ରେନ୍ ଭିତରକୁ ତାକୁ ଜବରଦସ୍ତ ଠେଲି ଉଠାଇଦେଲାବେଳେ ତା' କାନ ପାଖରେ ସେ ଚୁପିଚୁପି କହିଲା, ଜମା ବ୍ୟସ୍ତ ହବନି। ତମ ପ୍ରେମ ହିଁ ମୋ ଜୀବନ। ମରଣ କୋଳରେ ଥାଇ ବି ଯେତେବେଳେ ବି ତମକୁ ଭାବିହେଉଥିବି, ତମର ସେ "ଲଭ୍ ୟୁ ଜୋ, ଲଭ୍ ୟୁ ଜୋ" ମନ୍ତ୍ର ଭଳି ଅହରହ ମୋ ଚାରିପାଖରେ ଥିବ। ଆମେ ନିଶ୍ଚୟ ଫେରିବା। ଧ୍ୱଂସର ଏଇ ତାଣ୍ଡବଲୀଳା ଭିତରେ ଆମେ ପୁଣି ଶାନ୍ତି ଆଉ ପ୍ରେମର ଜୈତ୍ରବାନା ଉଡ଼ାଇବା। ଟ୍ରେନ୍ ଛାଡ଼ି ଦେଇଥିଲା।

+ ଫକୀରମୋହନ ନଗର, ଆଇଟିଆଇ ଛକ, ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨

# ପହିଲି ପରଶ

ପୀତାମ୍ବର ଦାସ



କଲେଜରୁ ଫେରି ସୁଚିସ୍ମିତା ମମି ମମି ଡାକି ଘର ଭିତରକୁ ପଶିଆସି ସାଙ୍ଗରେ ନେଇଥିବା ପ୍ରାକ୍ଟିକାଲ ଖାତା, ନୋଟ୍‌ଖାତା, ଡିସେକ୍ଟିଂ ବକ୍ସ ଟେବୁଲ୍ ଉପରେ ଥୋଇଦେଇ ପିଲାଳିଆ ଢ଼ଙ୍ଗରେ ନାଚିନାଚି କହିଲା - ମମି, ମିମି, ଆଜି ଜୁଲଜି ପ୍ରାକ୍ଟିକାଲ୍ କ୍ଲାସ୍‌ଟା ଭାରି ମଜା ଲାଗିଲା । ମମି, ସପ୍ତାହରେ ଯଦି ପ୍ରତିଦିନ ଜୁଲଜି ପ୍ରକ୍ଟିକାଲ୍ ହୁଅନ୍ତା ବହୁତ ଭଲ ହୁଅନ୍ତା । ଏତକ କହି ଖୁସିରେ ବିଛଣାରେ ଗଡ଼ିଗଲା ସୁଚିସ୍ମିତା । ତା'ପରେ ଉଠିପଡ଼ି ଟେବୁଲ ଉପରେ ଥିବା ଜୁଲଜି ଟେକ୍ସ ବହିଟିର ପୃଷ୍ଠା ଓଲଟାଇ ପ୍ରତି ମୁହୂର୍ତ୍ତରେ କହିବାକୁ ଲାଗିଲା - ମମି ଆଜି ଜୁଲଜି ପ୍ରାକ୍ଟିକାଲ୍ କ୍ଲାସ୍‌ଟା ଭାରି ମଜା ଲାଗିଲା । ମମି ଝିଅ ସୁଚିସ୍ମିତାର ଷୋଳବର୍ଷ ଭିତରେ ଏତେ ଆନନ୍ଦ କେବେ ଦେଖି ନଥିଲେ । ଦୁଇଦିନ ପୂର୍ବେ ତା'ର ଜନ୍ମଦିନ ଯାଇଥିଲା । ତା'ର ସାଙ୍ଗସାଥୀମାନଙ୍କୁ ଡାକି ଖୁସିରେ ଜନ୍ମଦିନ ପାଳନ କରିଥିଲେ ମଧ ଏତେ ଆନନ୍ଦରେ ଆତ୍ମହରା ହୋଇଯିବାଟା ମାଆ କେବେ ଗେହ୍ଲିଝିଅଠାରେ ଦେଖିବାକୁ ପାଇ ନଥିଲେ । ମାଆ ଲକ୍ଷ୍ୟ କରୁଛନ୍ତି ଷୋଳବର୍ଷରେ ପଦାର୍ପଣ କରି ମଧ ଝିଅର ଆଜିଯାଏ ପିଲାଳିଆ ଢ଼ଙ୍ଗ ଯାଇନାହିଁ । ସତରେ ଆଜି ଅଲିଅଳି ଝିଅ ମୁହଁରେ ଏତେ ଖୁସିର ଝଲକ ଦେଖି ମାଆ ଆନନ୍ଦରେ ଉଲ୍ଲସି ଉଠୁଛନ୍ତି । ବିଜ୍ଞାନର ପାଠ ଯେ, ତାଙ୍କ ଝିଅ ସୁଚିସ୍ମିତାକୁ ଏତେ ଆନନ୍ଦ ଆଣି ଦେଇଛି, ତେଣୁ ବିଜ୍ଞାନର ନୂତନ ଉଦ୍ଭାବନା କୌଶଳକୁ ପ୍ରଶଂସା ନକରି ରହିପାରୁ ନାହାଁନ୍ତି । ତା'ପରେ ମମି କହିଲେ - ହେଉହେଉ ସେତିକି ଥାଉ, ତୁ ସୁଚି ଏବେ ଆ, ଟିକେ ଟିଫିନ୍ ଖାଇନେବୁ । ଡାଡି ଆସିଲେ ଆଜି ପାର୍କ ଆଡ଼େ ବୁଲିଯିବା କଥା କହୁଥିଲେ, ଆଉ କିଛି ସମୟ ପରେ ଆସିଯିବେ, ସେତେବେଳେ ଟିପିନ୍ ଖାଇ ଡ୍ରେସ୍ ପିନ୍ଧୁପିନ୍ଧୁ ଏବଂ ମେକପ୍ ହେଇ ବାହାରି ପଡ଼ିବାକୁ ଡେରି ହେଇଯିବ ଯେ ?

ଅଫିସ୍‌ରେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ସୁଚିସ୍ମିତାର ଡାଡି ବିଜୟବାବୁ ଏଯାଏଁ ଘରକୁ ଫେରିନାହାଁନ୍ତି । ମମି, ମିତାଦେବୀ ବ୍ୟସ୍ତ ହୋଇପଡୁଛନ୍ତି ଝିଅର ଅନ୍ୟମନସ୍କତା ପାଇଁ । ହୁଏତ ତା' ଡାଡି ଫେରିଲେ ସୁଚି ତା'ର ଖିଆଲି ଭାବକୁ ବଦଳାଇ ପାର୍କ ଆଡ଼େ ବୁଲିଆସିଲେ ସବୁ ପରିବର୍ତ୍ତନ ହୋଇଯିବ । ହଠାତ୍ ଫୋନ୍ ରିଙ୍ଗ ହେବାରୁ ସୁଚି ଫୋନ୍ ଉଠାଇଲା ଏବଂ ଡାଡି କହିଲେ ସେ ଅଫିସ୍‌କାମ ସାରି ଆସୁଆସୁ ରାତି ୧୦ଟା ହୋଇଯିବ । ତେଣୁ ଆଜି ପାର୍କ ବୁଲିଯିବା ପ୍ରୋଗ୍ରାମ୍ କ୍ୟାନ୍ସଲ୍ । ଥ୍ୟାଙ୍କ ୟୁ ଡାଡ୍ ୟୁ ଆର୍ ଗ୍ରେଟ୍ କହି ସୁଚି ଫୋନ୍‌ଟିକୁ ରଖିଦେଇ ମମିକୁ ଏକଥା ଜଣାଇ ଦେଇ ସେ ତା' ମାନସ ରାଜ୍ୟରେ ଘୂରି ବୁଲିଲା । ମିତାଦେବୀ ଝିଅର ଆଚରଣ ଦେଖି ତାକୁ ଆଉ ତା' ଭାବନାରେ ବାଧ ନଦେଇ ଚ୍ଚକର ପଦିଆ ସହିତ ବଜାରକୁ ବାହାରିଗଲେ ଶପିଂ ଉଦ୍ଦେଶ୍ୟରେ ।

ଡ୍ରଇଂ ରୁମ୍‌ରେ ସୁଚିସ୍ମିତା ଏକୁଟିଆ । ଭାବନାଟା ସତେ ଯେମିତି ଅଥଳ ସାଗରର ଜଳ । ଡ୍ରଇଂ ରୁମ୍‌ଟି ତାକୁ ଲାବୋରାଟୋରୀ ଭଳି ଲାଗିଲା । ଏଠି ଯେମିତି ସେ ଦେଖୁଛି ଜୁଲଜି ପ୍ରାକ୍ଟିକାଲ କ୍ଲାସ୍ ଚ୍ଚଲିଛି । ଲେକ୍‌ଚରର୍ ମହାଶୟ ଫ୍ରଗ୍ ଡିସେକ୍‌ସନ୍ କରି ଡାଇଜେଷ୍ଟିଭ୍ ସିଷ୍ଟମ୍ ସମ୍ବନ୍ଧରେ ବୁଝାଉଛନ୍ତି । କ୍ଲାସରେ ତା'ର ୪ଜଣ ଝିଅସାଥି ଓ ୧୨ଜଣ ପୁଅସାଥିଙ୍କ ସହିତ ସେ ଡିସେକ୍‌ସନ୍ ଦେଖୁଅଛି । ସାର୍ ଡିସେକ୍‌ସନ୍ କରି ସାରିବା ପରେ ପ୍ରୀତମକୁ ଡିସେକ୍ସନ୍ କରିବାକୁ କହିଲେ । ବହୁ ଆଗ୍ରହରେ ପ୍ରଥମେ କଇଁଚି ଓ ସ୍କାଲପେଲ୍ ଧରି ନିର୍ଭୁଲ୍ ଭାବେ ଫ୍ରଗ୍‌ର ଡାଇଜେଷ୍ଟିଭ୍ ସିଷ୍ଟମ୍‌ର ଡିସେକ୍‌ସନ୍ କଲା । ପ୍ରୀତମ୍ ଡିସେକ୍ସନ୍ କରୁଥିବା ବେଳେ ସୁଚି ଠିକ୍ ତାର ପଛପଟେ ଛିଡ଼ାହୋଇ ଅନ୍ୟସାଙ୍ଗମାନଙ୍କ ସହତି ନଇଁପଡ଼ି ଦେଖୁଥାଏ । ଡିସେକ୍ସନ୍ ସରିବା ପରେ ପ୍ରୀତମ୍ ହଠାତ୍ ସିଧା ହୋଇ ଛିଡ଼ାହୋଇ ପଡ଼ିବାରୁ ତା'ର ପିଠି ସୁଚିସ୍ମିତାର କୋମଳ ବକ୍ଷଦେଶରେ ଆଘାତ କଲା । ହଠାତ୍ ଉଭୟଙ୍କ ଶରୀର ମଧରେ ବିଦ୍ୟୁତ୍ ଖେଳିଗଲା । ଉଭୟଙ୍କ ଦେହରେ ରୋମାଞ୍ଚ ଆସିଗଲା । ଯୌବନର ପ୍ରଥମ ପାହାଚରେ ପାଦ ଦେଉଦେଉ ଏଇ ଆଘାତ ଉଭୟଙ୍କୁ ଅସ୍ତବ୍ୟସ୍ତ କରିଦେଉଥାଏ । ପ୍ରୀତମ୍ ଅନୁଭବ କରୁଥାଏ ତା' ପିଠିରେ ଦୁଇଗୋଟି ଫୁଲର ସ୍ପର୍ଶ, ଆଉ ସୁଚିସ୍ମିତା ଅନୁଭବ କରୁଥାଏ ମାଦକତାର କୋମଳ ଆଘାତର ବାରମ୍ବାର ତାଡ଼ନା । ଯେତେବେଳ ଅଧାପକ ମହାଶୟ ଅନ୍ୟଜଣେ ସାଥି ଅଶୋକକୁ ଡିସେକ୍ସନ୍ କରିବାକୁ କହିଲେ, ସେତେବେଳେ ଅନ୍ୟ ସାଥିମାନେ ଆଗ୍ରହରେ ଦେଖୁଥିଲାବେଳେ ସୁଚି ଓ ପ୍ରୀତମ୍ ପରସ୍ପରକୁ ଚ୍ଚହିଁରହି ଉଭୟେ ଉଭୟଙ୍କୁ ନିଜ ଆଖିରେ ଦେଖିଥିଲେ । ସତେ ଯେମିତି ସେମାନେ ଘୂରି ବୁଲୁଥିଲେ କେଉଁ ଏକ ପ୍ରେମ ବୃତ୍ତାକାର ପଡ଼ିଆ ମଝିରେ । କାହାରି କଣ୍ଠରୁ କଥା ବାହାରୁ ନଥାଏ । ପ୍ରାକ୍ଟିକାଲ ସରିଲା ପରେ ଉଭୟ ଉଭୟଙ୍କୁ ଆଖିରେ କଥା କହିକହି ଫେରି ଆସିଲେ ନିଜନିଜ ଘରକୁ । ସଦ୍ୟ ପଲ୍ଲିଚିତା ନବ ଯୌବନା ସୁଚିସ୍ମିତା ଯେମିତି ବେଶୀ ଅଧିରା ଓ ଆତ୍ମହରା ହୋଇ ମନେମନେ ପ୍ରୀତମର ପିଠିର ସ୍ପର୍ଶକୁ ଅନୁଭବ କରି କହୁଥିଲା, ଆଇ ଲଭ୍ ୟୁ ଭେରୀ ମଚ୍ ପ୍ରୀତମ୍ । ସେ ସେଇ ସମୟରେ ସବୁକିଛି ଭୁଲିଯାଇ ନିଜକୁ ହଜେଇ ଦେଇଥିଲା ପ୍ରତୀମ୍‌ଠାରେ । ସେ ସେଇ ଡ୍ରଇଂ ରୁମ୍‌ରେ ଦେଖୁଥିଲା ଖାଲି ପ୍ରୀତମର ମୁହଁ, ଚେହେରା ଓ ତା' ଛାତିର ପ୍ରୀତମର ଶକ୍ତ ପ୍ରେମର କୋମଳ ସ୍ପର୍ଶ । ଜୀବନ ଯୌବନର ପହିଲି ସ୍ପର୍ଶ ଯେମିତି ତାକୁ ଦେଉଥିଲା ସ୍ୱର୍ଗୀୟ ଆନନ୍ଦ ଏବଂ ଉଜାଣୀ ନଈର ସୁଅରେ ତା'ର ନହୁଲି ବୟସର ଛନଛନ ମନଟା ଯେମିତି ଭାସିଯାଉଥିଲା କିଛି କୂଳ କିନାରା ନପାଇ । ସେ ଭାବୁଥାଏ ତା'ର ଏଇ ଷୋହଳବର୍ଷ ଭିତରେ ଅନେକ କିଛି ଘଟଣା ଘଟିଯାଇଛି, ସାଙ୍ଗସାଥିମାନଙ୍କ ମଧରେ ମଜାଖୁସି, ଡାଡି ମମିଠାରୁ ସ୍ନେହ, ଶ୍ରଦ୍ଧା, କ୍ଲାସ୍‌ରେ ଫାଷ୍ଟ ହୋଇ ସେଥିରେ ଆନନ୍ଦ, ବନ୍ଧୁ ବାନ୍ଧବଙ୍କ ଘରେ ଖୁସିରେ ଆତୁର ଇତ୍ୟାଦି ତା' ଜୀବନରେ ଆସିଥିଲେ ମଧ ଏଇ ପହିଲି ମୌସୁମୀର ଏ ଯେଉଁ ପହିଲି ସ୍ପର୍ଶ ତା' ପାଇଁ ସବୁଠୁ ବଡ଼ ଓ ସ୍ମରଣୀୟ । ପହିଲି ପରଶର ମଜା ଯେ, ଏତେ ମିଠା ଓ ଆନନ୍ଦ ହୋଇପାରେ ସେ ସ୍ୱପ୍ନରେ ସୁଦ୍ଧା ଭାବିପାରୁନାହିଁ । ତଥାପି ଆଉ ଏକ ପରର ମଜାକୁ ସେ ଅପେକ୍ଷା କରିବ ଆଉ ସାତଦିନ ପରେ ଯେତେବେଳେ ପୁଣି ଆସନ୍ତା ସପ୍ତାହରେ ଜୁଲଜି ପ୍ରାକ୍ଟିକାଲ କ୍ଲାସ୍ ହେବ ।



+ ଭି.ଆଇ.ପି.କଲୋନି, ଗୋପାଳଗାଁ, ବାଲେଶ୍ୱର
ମୋ.: ୮୮୯୫୯୩୧୩୩୫

# ବ୍ରହ୍ମଗିରିରେ ଏକତା ପଦଯାତ୍ରା : ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରତୀକ ସର୍ଦ୍ଦାର ପଟେଲ : ସାଂସଦ ଡା. ପାତ୍ର

ପୁରୀ,୧୭/୧୧(ନି.ପ୍ର) : ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏକ ଭାରତ ଓ ଶ୍ରେଷ୍ଠ ଭାରତର ପ୍ରତୀକ ଥିଲେ। ରାଷ୍ଟ୍ର ଭକ୍ତ, ଜାତୀୟତାବାଦୀ ଓ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାରଙ୍କ ଭୂମିକା ତାଙ୍କୁ ଚିର ଅମର କରି ରଖିଥିବ ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର। ଆଜି ପୂର୍ବାହ୍ନରେ ପୁରୀ ଲୋକସଭା ସାଂସଦ କ୍ଷେତ୍ର ଅନ୍ତର୍ଗତ ବ୍ରହ୍ମଗିରିର ଗଡରୋଡଙ୍ଗ ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କ୍ରୀଡା ବିଭାଗ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏହାକୁ ସାଂସଦ ଡା. ପାତ୍ରଙ୍କ ସହ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ ପ୍ରମୁଖ ଉଦଘାଟନ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି, ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଫଟୋଚିତ୍ର, ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ। ସାଂସଦ ଡା. ପାତ୍ର ଓ ବିଧାୟିକା ଶ୍ରୀମତୀ ମହାପାତ୍ର ସର୍ଦ୍ଦାର ପଟେଲଙ୍କ ସ୍ମୃତି ଚାରଣ କରିବା ପରେ ପଦଯାତ୍ରା କାଳିକା ବାଡ଼ି ଛକ, ଢାବା ଛକ ଦେଇ କେରାଣ୍ଡିଆ ହେଲିପ୍ୟାଡ ପଡିଆ ଠାରେ ପହଂଚି ଥିଲା। ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ପାତ୍ର ଏକ ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି ଅନୁଭବ କରି ୫୬୦ରୁ ଉର୍ଦ୍ଧ୍ୱ ରାଜରାଜୁଡା ଶାସନତନ୍ତ୍ରକୁ ଲୌହ ମାନବ ଭାରତ ବର୍ଷରେ ସାମିଲ କରିଥିଲେ।ବିଶେଷ କରି ହାଇଦ୍ରାବାଦ, ଜାମ୍ମୁ କାଶ୍ମୀର ଓ ଜୁନାଗଡ ଗଡଜାତକୁ ମିଶ୍ରଣ କରାଇବାରେ ସର୍ଦ୍ଦାର ପ୍ରମୁଖ ଭୂମିକା ନେଇଥିଲେ। ସର୍ଦ୍ଦାରଙ୍କ ବୀରତ୍ୱ, ଦେଶପ୍ରେମ ଓ ସାହସକୁ ସମ୍ମାନ ଜଣାଇ ବଲ୍ଲଭ ଭାଇଙ୍କୁ ଆଦର୍ଶ ମାନୁଥିବା ପ୍ରଧାନମନ୍ତ୍ରୀ ମୋଦି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ, ଯେଉଁଥିରେ ଦେଶର ପ୍ରତିଟି ଗ୍ରାମରୁ ସଂଗୃହିତ ଲୁହା ବ୍ୟବହୃତ ହୋଇଥିଲା। ଚଳିତ ବର୍ଷ ମଧ୍ୟ ବନ୍ଦେ ମାତରମ ସଂଗୀତର ୧୫୦ ବର୍ଷ ପୂର୍ତ୍ତିକୁ ସରକାର ପାଳନ କରୁଛନ୍ତି। କାରଣ ଏହି ସଂଗୀତ ମଧ୍ୟ ଭାରତର ଏକତା ଓ ସଂହତିର ଉଦାହରଣ ବୋଲି କହିବା ସହ ବକ୍ସି ଜଗବନ୍ଧୁଙ୍କ ବୀର ମାଟିରୁ ଏହି ପଦଯାତ୍ରା ତାଙ୍କ ପ୍ରତି ମଧ୍ୟ ଅନନ୍ୟ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ଲୌହ ମାନବଙ୍କ ଜୀବନ ଆମକୁ ଆଦର୍ଶ, ଉନ୍ନତ ରାଷ୍ଟ୍ର ନିର୍ମାଣର ପ୍ରେରଣା ଦିଏ।ବ୍ରହ୍ମଗିରି ମଧ୍ୟ ବୀର ପାଇକ ମାଟି। ସଂଗ୍ରାମୀ ମାଟିରୁ ଆରମ୍ଭ ଏହି ପଦଯାତ୍ରା ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ସଂଚାଳନ କରିବା ସହ ଆତ୍ମ ନିର୍ଭର ଭାରତର ଶପଥ ପାଠ କରାଇଥିଲେ। ପୂର୍ବରୁ ଅତିଥି ମାନେ ସର୍ଦ୍ଦାର ପଟେଲଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ବନ୍ଦେ ମାତରମ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ କଳାକାର ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ ବିଡ଼ିଓ ମନୀଷା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବରୁ ଅତିଥି ମାନେ ଏକ ପେଡ ମା କେ ନାମ ଆଧାରରେ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଏକତା ରଥ ପରିକ୍ରମଣ କରିଥିଲା।

# ଭଂଜପୁର ଜଗଦ୍ଧାତ୍ରୀ ମେଳା ଉଦ୍‌ଯାପିତ ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

ବାରିପଦା,୧୭/୧୧(ନି.ପ୍ର) : ସ୍ଥାନୀୟ ଭଂଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ଅନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି ଓ ପୂଜା ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ପୁରସ୍କାର ବିତରଣ କରିବା ସହ ବେଶ ପ୍ରସିଦ୍ଧି ଲାଭ କରିଥିବା ଜଗଦ୍ଧାତ୍ରୀ ମେଳାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ଓ ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସମ୍ମାନିତ ଅତିଥି ଭାବେ ସରସକଣା ବିଧାୟକ ଭାଦବ ହାଁସଦା, ପୂର୍ବତନ ବିଧାୟକ କାନ୍ଦରା ସୋରେନ, ସମାଜସେବୀ ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିବା ସହ ଏତେ ବଡ଼ ମେଳାର ଆୟୋଜନ କରୁଥିବା କମିଟିର ପ୍ରଶଂସା କରିଥିଲେ ଓ କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ




ଦେଇଥିବା ବେଳେ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରିତମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ଓ ଚିତ୍ରାଙ୍କନରେ ବୈଶାଳୀ ନାୟକ, କୁଇଜରେ ଏମ ସାଇ ପ୍ରୀତି, ନୃତ୍ୟ ଜୁନିୟରରେ ପ୍ରସାଦ ବାରିକ, ସିନିୟରରେ ଅଙ୍କିତା ସି, ଡୁଏଟରେ ହରିହର ଓ ପ୍ରିୟଦର୍ଶିନୀ ଯୋଡ଼ି ଏବଂ ଗ୍ରୁପରେ ଆଇ ଡି ଏସ କ୍ରିଉ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ଓ ମେଳାର ସଫଳତା ପାଇଁ ସହଯୋଗ କରିଥିବା ଭଂଜପୁର ଥାନା ଆଇ ଆଇ ସି, ଟ୍ରାଫିକ ଇନ୍ସପେକ୍ଟର, ଟି ପି ଏନ ଓ ଡି ଏଲ, ବାରିପଦା ମୁନିସିପାଲିଟି, ଅଗ୍ନିଶମ ବିଭାଗ ସମେତ ସିଧାପ୍ରସାରଣ ପାଇଁ ମିଡ଼ିଆ କ୍ରିଏସନ ଫୋଟୋଗ୍ରାଫି, ବ୍ଲୁ ସ୍କାୟକୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ମେଳା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରିୟବ୍ରତ ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସମାଜସେବୀ ଜଗଦିଶ ପାଣି ଓ ମିଡ଼ିଆ ସଂଯୋଜକ ସୋମନାଥ ସିଂହଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ଓ କାର୍ଯ୍ୟକ୍ରମ ପରିଚାଳନାରେ ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ଅବିନାଶ ରଥ, ସତ୍ୟବ୍ରତ ଧଳ, ଆଲୋକ ବାରିକ, ସୋନୁ ରଣା, ସୁରଜ ବେହେରା, ରୋହିତ ବେହେରା ସହଯୋଗ କରିଥିଲେ ଓ ମେଳା ୧୬ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିବା ବେଳେ ୧୭ ତାରିଖ ଦିନ ବଲିଉଡ ନାଇଟରେ ପ୍ରଖ୍ୟାତ ଗାୟକ ସାନ ଙ୍କ କାର୍ଯ୍ୟକ୍ରମ ରହିଛି ।

# ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ, ଏବିଭିପି ପକ୍ଷରୁ ସ୍ୱାଭିମାନ ଶୋଭାଯାତ୍ରା

ଭଦ୍ରକ,୧୭/୧୧(ନି.ପ୍ର) : ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଜନଜାତି ସମାଜର ଜନ ନାୟକ, ଭାରତର ଗର୍ବ ଓ ଗୌରବ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭଦ୍ରକ ପକ୍ଷରୁ ଶତାଧିକ ଛାତ୍ର ଛାତ୍ରୀଙ୍କୁ ନେଇ ସ୍ୱାଭିମାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାଟି ଭଦ୍ରକ କଲେଜ ପରିସରରୁ ବାହାରି ଟାଉନ ହଲ ଛକରେ ଶେଷ ହୋଇଥିଲା। ବିଦ୍ୟାର୍ଥୀ ମାନେ ଭାରତ ମାତା କୀ ଜୟ, ବନ୍ଦେ ମାତରଂ, ଭଗବାନ ବିର୍ସା ମୁଣ୍ଡା




ଅମର ରହେ, ଜନଜାତି ଗୌରବ ଦିବସ ଜିନ୍ଦାବାଦ ଆଦି ସ୍ଲୋଗାନ ଦେଇଥିଲେ। ଜିଲ୍ଲା ସଂଯୋଜକ ଓଁକାର ମହାନ୍ତିଙ୍କ ଉପସ୍ଥିତିରେ ଛାତ୍ର ନେତା ଶୁଭମ୍ ପାଢ଼ୀ, ଏହାର ନେତୃତ୍ୱ ନେଇଥିଲେ। ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଯଥା ପାଠ୍ୟ ଚକ୍ର, ରକ୍ତଦାନ, ବୃକ୍ଷ ରୋପଣ, ସ୍ୱଚ୍ଛ ଭାରତ ଅଭିଯାନ, ବସ୍ତି ଅଞ୍ଚଳର ଆଲୋଚନା ଚକ୍ର, ତର୍କ ଓ କୁଇଜ୍ ପ୍ରତିଯୋଗିତା ଆଦି କରାଯିବ ବୋଲି ଜିଲ୍ଲା ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ ପ୍ରକାଶ କରିଛନ୍ତି।

# ସର୍ଦ୍ଦାର ପଟେଲଙ୍କ ପାଇଁ ଜିଲ୍ଲା ସ୍ତରୀୟ ଏକତା ପଦଯାତ୍ରା

ଖୋର୍ଦ୍ଧା,୧୭/୧୧(ନି.ପ୍ର) : ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ଶନିବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୟ ଉତ୍ସବ ସର୍ଦ୍ଦାର ଅ୧୫୦ ଏକତା ପଦଯାତ୍ରା ବିଜେବି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ କହିଲେ ଯେ ଖୋର୍ଦ୍ଧା ଜିଲ୍ଲା ହେଉଛି ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ି ଶାଳ, ଖୋର୍ଦ୍ଧାର ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ଏବଂ କୃତିବାସ ପାଟଶାଣୀ ଙ୍କ ଅବଦାନ ଖୋର୍ଦ୍ଧା ବୀର ମାଟିର ଲଢୁଆ ସଂଗ୍ରାମ ସମଗ୍ର ଭାରତ ବର୍ଷକୁ ଯୁଗାନ୍ତକାରୀ ଅବଦାନ ରହିଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ, ବନ୍ଦେ ମାତରଂ ସ୍ଲୋଗାନ ର କାଳଜୟୀ କୃତିତ୍ୱ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ୧୫୦ ତମ ପୂର୍ତ୍ତି ମଧ୍ୟ ପାଳନ କରାଯାଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାନିଶୀଙ୍କ ଗାଥା କୁ ସ୍ମରଣ କରି ଏକ ଭାରତ ବିକଶିତ ଭାରତ ନିର୍ମାଣକୁ ସାକାର କରିବା ପାଇଁ ଆମେ ସଂକଳ୍ପ ବଦ୍ଧ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ରାଷ୍ଟ୍ରୀୟ ଏକତା ଓ ସଂହତି ଅଖଣ୍ଡ ଭାରତ ନିର୍ମାଣ ପାଇଁ ଯେଉଁ ତ୍ୟାଗ ଉତ୍ସର୍ଗ କରିଛନ୍ତି ତାହାକୁ ଆମେ ଆପଣେଇଲେ ଆମ ଦେଶ ଏକ ଆତ୍ମ ନିର୍ଭର ଦେଶ ଭାବେ ଗଢି ଉଠିବ ବୋଲି ନିଜ ଅଭିଭାଷଣରେ କହିଥିଲେ । ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା କହିଲେ ଯେ ଭାରତର ବିଛିନ୍ନ ଭୂଖଣ୍ଡ ଯୋଡ଼ି ଅଖଣ୍ଡ ଭାରତ ନିର୍ମାଣରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଅତୁଳନୀୟ । ସମସ୍ତେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ କୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଏକ ଭାରତ ଆତ୍ମନିର୍ଭରଶୀଳ ଭାରତର ଶପଥ ପାଠ କରାଇଥିଲେ। ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଜିଲ୍ଲା ଭାଜପା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା,ବି ଡି ଓ, ଖୋର୍ଦ୍ଧା ରୁମାନା ଜାଫ୍ରିନ, ତହସିଲଦାର ବିଭାଶ ପାଣିଗ୍ରାହୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋର୍ଦ୍ଧା ରିଜ୍ୱାନା କାଜ୍ୱାବ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ମଂଚାଶିନ ଥିବାବେଳେ ବୁଦ୍ଧିଜୀବୀ ,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ ଗୀତାଂଶୁ ମୋହନ ଦାଶଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ଜନ ପ୍ରତିନିଧି, ବୁଦ୍ଧିଜୀବୀ, ସ୍କୁଲ କଲେଜ ଛାତ୍ର ଛାତ୍ରୀ, ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ। ପରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ବର୍ଗର ସହସ୍ରାଧିକ ବ୍ୟକ୍ତି ବିଶେଷ ପଦଯାତ୍ରା ରେ ଯୋଗଦାନ କରି ସହର ପରିକ୍ରମା କରି ପୁନଶ୍ଚ ବି ଯେ ବି ସ୍କୁଲରେ ପହଂଚିଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାରର ପାଇକ ଆଖଡ଼ା ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ସମସ୍ତ ଅତିଥି ଶ୍ରୀଜଗନ୍ନାଥ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନିକଟରେ ପୁଷ୍ପାର୍ଘ୍ୟ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।

# ଏବିଭିପିର ୫୦ତମ ରାଜ୍ୟ ଅଧିବେଶନ ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ




ଭଦ୍ରକ,୧୭/୧୧(ନି.ପ୍ର) : କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ ଏବଂ ସ୍ୱାଧୀନତା ସଂଗ୍ରାମର ମାଟି ଭଦ୍ରକରେ ଅନୁଷ୍ଠିତ ହେବ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା (ପୂର୍ବ) ପ୍ରାନ୍ତର ୫୦ତମ ରାଜ୍ୟ ଅଧିବେଶନ। ଏହାର ସୁବ୍ୟବସ୍ଥିତ ଓ ସୁପରିଚାଳନା ପାଇଁ ଜିଲ୍ଲାର ପ୍ରମୁଖ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଥମ ବ୍ୟବସ୍ଥା ଓ ପ୍ରସ୍ତୁତି ବୈଠକ ସହରର ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରସ୍ତୁତି ବୈଠକରେ ଏବିଭିପିର ପୂର୍ବ କ୍ଷେତ୍ର ସହ ସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ ଏବଂ ବିଭାଗ ସଙ୍ଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଅଧିବେଶନ ସ୍ଥଳିର ସ୍ଥାନ ନିରୂପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ଜିଲ୍ଲା ସହ ପ୍ରମୁଖ ଡକ୍ଟର ବସନ୍ତ କୁମାର ଦୀକ୍ଷିତ, ଜ୍ୟୋତି ପ୍ରକାଶ ସାହୁ, ପ୍ରାନ୍ତ ସବିସ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାସ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜକ ଅଭିଳାଷ ତ୍ରିପାଠୀଙ୍କ ସମେତ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# କୋରାପୁଟ ଜିଲ୍ଲା ବହୁବୃତ୍ତି ଶିକ୍ଷା ଅନୁଷ୍ଠାନରେ ବି.ଟେକ ପାଠ୍ୟକ୍ରମ ଆରମ୍ଭ କରିବାକୁ ଦାବି

ଜୟପୁର,୧୭/୧୧(ନି.ପ୍ର) : ଜୟପୁର ବ୍ଲକ ଅମ୍ବାଗୁଡା ପଞ୍ଚାୟତରେ ୨୦୧୪ ମସିହାରୁ ସ୍ଥାପିତ ହୋଇଥିବା କୋରାପୁଟ ଜିଲ୍ଲା ବହୁବୃତି ଶିକ୍ଷା ଅନୁଷ୍ଠାନ ପଲିଟେକନିକ କଲେଜରେ ଇଞ୍ଜିନିୟରିଙ୍ଗ ପାଠର ଉଚ୍ଚ ଶିକ୍ଷା ନିମନ୍ତେ ବି ଟେକ ଏବଂ ଏମ ଟେକ ପାଠ୍ୟକ୍ରମ ତୁରନ୍ତ ଆରମ୍ଭ କରିବାକୁ ବିଭିନ୍ନ ଅନୁଷ୍ଠାନ ମାନଙ୍କ ସହ ସାଧାରଣରେ ଦାବୀ ହୋଇଛି। କୋରାପୁଟ ଜିଲ୍ଲାରେ ଇଞ୍ଜିନିୟରିଙ୍ଗ ଶିକ୍ଷା ନେବା ପାଇଁ କେବଳ ଘରୋଇ ଶିକ୍ଷା ଅନୁଷ୍ଠାନ ମାନଙ୍କୁ ରାଜ୍ୟ ସରକାର ଅନୁମତି ଦେଇ ଅଛନ୍ତି ବାସ୍ତବରେ ଘରେଇ ଇଞ୍ଜିନିୟରିଙ୍ଗ ଶିକ୍ଷା ଅନୁଷ୍ଠାନ ମାନେ ସରକାରଙ୍କ ଆଦେଶ ଅନୁଯାଇ କେତେ ପ୍ରତିଶତ ଛାତ୍ର ଛାତ୍ରୀଙ୍କୁ ନିଃଶୁଳ୍କ ଶିକ୍ଷା ଦେବାର ବିଧି ଏବଂ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ଘରେଇ ଅନୁଷ୍ଠାନ ଗୁଡିକ ସରକାରଙ୍କ ଆଦେଶର ଧଜିଆ ଉଡାଉଥିବାରୁ ସାଧାରଣରେ ସରକାରଙ୍କୁ ନିନ୍ଦା କ ର । ଯ । ଉ ଥ୍ ବ । ଦେଖାଯାଇଛି।ଘରେଇ ଇଞ୍ଜିନିଅରିଙ୍ଗ ଶିକ୍ଷା ଅନୁଷ୍ଠାନ ଗୁଡିକରେ ବିଭିନ୍ନ ଆଳରେ ଫିସ ଏବଂ ଅନ୍ୟାନ୍ୟ ଦେୟ ବାବଦକୁ ବହୁ ଅର୍ଥ ରାଶି ଶିକ୍ଷାର୍ଥୀଙ୍କ ଠାରୁ ଆଦାୟ କରୁଥିଲେ ସୁଦ୍ଧା ସଠିକ ଭାବେ ଶିକ୍ଷକ ଯୋଗାଇ ଦେଉନଥିବାରୁ ଛାତ୍ର ଛାତ୍ରୀ ଉଚିତ ଏବଂ ସମ୍ପୂର୍ଣ୍ଣ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି।ଘରେଇ ଇଂଜିନିୟରିଙ୍ଗ ଶିକ୍ଷା ଅନୁଷ୍ଠାନ ଗୁଡିକ ଜିଲ୍ଲାରେ ସରକାରୀ ବିଟେକ ଏବଂ ଏମଟେକ ଇଂଜିନିୟରିଙ୍ଗ ଶିକ୍ଷା ଅନୁଷ୍ଠାନ ନ ଖୋଲିବା ପାଇଁ କେତେକ ନିର୍ବାଚିତ ଜନ ପ୍ରତିନିଧି ମାନଙ୍କୁ ଆପ୍ୟାୟୀତ କରି ଏହାକୁ ବିଧାନସଭାରେ କିମ୍ବା ସଚିବ ସ୍ତରରେ ଦାବୀ ନକରିବାକୁ ସମସ୍ତ ସୁବ୍ୟବସ୍ଥା କରିବା ସହ ନିର୍ବାଚନରେ ଆର୍ଥିକ ସହାୟତା ଯୋଗାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।ଉଚ୍ଚ ଶିକ୍ଷିତ କୋରାପୁଟ ଜିଲ୍ଲା ସାଂସଦ ଏବଂ ବହୁବାର ଜୟପୁର ଏବଂ କୋରାପୁଟ ବିଧାନସଭା ମଣ୍ଡଳିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ତଥାକଥିତ ନେତୃ ବର୍ଗ କୋରାପୁଟ ଜିଲ୍ଲା ଜୟପୁର ଠାରେ ଏକ ସରକାରୀ ଇଞ୍ଜିନିୟରିଙ୍ଗ କଲେଜ କରିବା ନିମନ୍ତେ କାହିଁକି ଦାବୀ କରୁନାହାନ୍ତି ବୋଲି ପ୍ରଶ୍ନ କରିବା ସହ ଘରେଇ ଇଂଗିନୀୟରିଙ୍ଗ କଲେଜ ପ୍ରତିଷ୍ଠାତାଙ୍କ ଦ୍ୱାରା ଆପ୍ୟାୟିତ ହୋଇ ଚୁପ ବସି ନାହାନ୍ତିତ ବୋଲି ସାଧାରଣରେ ସନ୍ଦେହ ଉଙ୍କି ମାରୁଛି।୨୦୧୪ ମସିହା ଠାରୁ ପ୍ରତିଷ୍ଠା ହୋଇଥିବା କୋରାପୁଟ ଜିଲ୍ଲା ବୋହୁବୃତ୍ତି ଶିକ୍ଷା ଅନୁଷ୍ଠାନର ଗୃହ୍ୟକୁ ସାମାନ୍ୟ ରଙ୍ଗ ଟିକେ କରାଯାଇ ନଥିବା ବେଳେ ବିଦ୍ୟୁତ ସଂଯୋଗ ଏବଂ ସ୍ୱିଚ ଗୁଡ଼ିକ ଭାଙ୍ଗି ରୁଜି ଯାଇଛି ଏହାକୁ ମୋରାମୋତି କରିବାକୁ ଜୟପୁର ମଣ୍ଡଳ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ତିଳେ ମାତ୍ର ସ୍ପୃହା ନଥିବା ସାଧାରଣରେ ପ୍ରତିତ ହେଉଛି।କୋରାପୁଟ ଜିଲ୍ଲା ଜୟପୁର ଅମ୍ବାଗୁଡା ଠାରେ ରହିଥିବା ବହୁବୃତି ଶିକ୍ଷା ଅନୁଷ୍ଠାନ ପଲିଟେକନିକ କଲେଜରେ ସମସ୍ତ ସାଧନ ରହିଥିବା ହେତୁ ଚଳିତ ଶିକ୍ଷା ବର୍ଷ ଠାରୁ ବିଟେକ ଏବଂ ଏମଟେକ ଇଞ୍ଜିନିୟରିଙ୍ଗ ପାଠ୍ୟକ୍ରମ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ସାଧାରଣରେ ଦାବୀ ହୋଇଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER,
P.H. DIVISION, BALASORE
Phone : 9438660004, e-mail-eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.12.11.2025

The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid system in ONLINE mode only.

| Sl. No. | Name of the Work | Bid-Identification No. | Value of Work (Rs.Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation, Testing & Commissioning of DG Sets (CPCB IV + GEN Set with AMF Pannel) with Movable Trolley including shed for Balasore Town | SEPHBLS-26 dt.12.11.2025 | 45.07 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. Of dt.03.12.2025 | 17:00 Hrs. Of dt.28.11.2025 | 11:00 Hrs. Of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004

Superintending Engineer
P.H. Division, Balasore

5939=C-1478

# ବିର୍ସା ମୁଣ୍ଡାଙ୍କ ୧୫୦-ତମ ଜୟନ୍ତୀ ପାଳିତ

ବାରିପଦା,୧୭/୧୧(ନି.ପ୍ର) : ମହାନ ଆଦିବାସୀ ସ୍ୱଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ପବିତ୍ର ଏକ ଶହ ପଚାଶ-ତମ ପବିତ୍ର ଜନ୍ମ ବାର୍ଷିକୀ ଏଠାରେ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ଏହି ଉପଲକ୍ଷେ ନିକଟସ୍ଥ ପୋଡ଼ା ଅସ୍ତିଆ ଛକ ଠାରେ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସେହି ଅମର ବୀରଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ,



ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା, ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ରାଜ୍ୟ ମନ୍ତ୍ରୀ ସୁଦାମ ମାରଣ୍ଡି, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ବରିଷ୍ଠ ନେତା ଫାଗୁ ହାଁସଦା, ଫକୀର ସିଂ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଓ ଜନ ସାଧାରଣ ଉପସ୍ଥିତ ଥିଲେ। ବିର୍ସା ମୁଣ୍ଡାଙ୍କ ସଂଘର୍ଷର କାହାଣୀ ଉପରେ ଏ ଅବସରରେ ବକ୍ତାମାନେ ଆଲୋକପାତ କରିଥିଲେ।

# ଉଦଳାରେ ଆଦିବାସୀ ହାଟ ଉଦ୍‌ଘାଟନ ପ୍ରହସନ




ଉଦଳା, ୧୬/୧୧ (ନି.ପ୍ର) : ଉଦଳା ନିୟନ୍ତ୍ରିତ ବଜାର କମିଟି ତରଫରୁ ଗତ ୨୦୨୪ ମସିହା ମାର୍ଚ୍ଚ ମାସ ୧୧ ତାରିଖ ଦିନ ସହରର ୱାର୍ଡ଼ ନଂ- ୧୨ ଠାରେ ଏକ ଆଦିବାସି ହାଟ ଉଦ୍‌ଘାଟନ କରାଯାଇଛି । ଇତି ମଧ୍ୟରେ ଏକ ବର୍ଷ ୮ ମାସ ସମୟ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଏଠାରେ ହାଟ ବସିବାର ନାମ କେହି ଧରୁ ନାହାଁନ୍ତି । ଫଳରେ ଉକ୍ତ ହାଟ ପଡ଼ିଆଟି ପୂର୍ବ ପରି ଗୋରୁ, ଛେଳିଙ୍କର ଚରାଭୂମି ପାଲଟି ଯାଇଛି । ଏହାକୁ କେନ୍ଦ୍ର କରି ସାଧାରଣରେ ଅସନ୍ତୋଷ ଖେଳିଯିବା ସହିତ ବିଭିନ୍ନ ପ୍ରକାର କଥା ଶୁଣିବାକୁ ମିଳୁଛି । ସ୍ଥାନୀୟ ଆଦିବାସୀଙ୍କୁ ହାଟର ତାଳ ତେନ୍ତୁଳି ଦେଖାଇ ପ୍ରଶାସନ କଳ କାହିଁକି ନିରବ ବସୁଛି ବୋଲି ଅନେକ ପ୍ରଶ୍ନ କରିଛନ୍ତି। ଉକ୍ତ ହାଟର ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ ପ୍ରମୁଖ ଉପସ୍ଥିତ ଥିଲେ । ଏହିସବୁ ରାଜନେତା ଓ ଅଧିକାରୀ ମାନେ ବର୍ତ୍ତମାନ ମଧ୍ୟ କ୍ଷମତାରେ ଅଛନ୍ତି । ତେବେ ଏହି ହାଟକୁ କାର୍ଯ୍ୟକ୍ଷମ କରାଇବା ପାଇଁ କେହି କାହିଁକି ତତ୍ପରତା ପ୍ରକାଶ କରୁ ନାହାଁନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି । ତେବେ ଏଠାରେ ହାଟ ନବସିଲେ ଖୁବ୍ ନିକଟରେ ଏଥିପାଇଁ ଏକ ବଡ଼ ଧରଣର ଆନ୍ଦୋଳନ ଦାନା ବାନ୍ଧୁଥିବାର ଖବର ଆମର ହସ୍ତଗତ ହୋଇଛି । ଏହିଭଳି ଉଦଳା ନିୟନ୍ତ୍ରିତ ବଜାର କମିଟିର ଆଦିବାସୀ ହାଟ ଉଦ୍‌ଘାଟନ ଉତ୍ସବ ପ୍ରହସନରେ ପରିଣତ ହୋଇଛି ।

# ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ଜନ୍ମଦିନ ପାଳନ

## ୧୨୧ ଜଣ ମହିଳାଙ୍କ ଦ୍ୱାରା ମହାରୁଦ୍ରମ ଜପ



ବାଲିଆପାଳ ,୧୬/୧୧(ନି.ପ୍ର) : ବାଲିଆପାଳ ବ୍ଲକ ରାଣୀଖୁଡି ସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ବାଲେଶ୍ୱର - ୨ କରଞ୍ଜ ସମିତି ପକ୍ଷରୁ ଯୁଗାବତାର ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଶତବାର୍ଷିକୀ ଜନ୍ମଦିନ ଅବସରରେ ରବିବାର ପୂର୍ବାହ୍ନରେ ଶନିବାର ଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣ ଆହୁତି ଦିଆଯାଇଛି । ମୁଖ୍ୟ ପୂଜକ ପର୍ଶୁରାମ ପାଢୀଙ୍କ ତତ୍ତ୍ୱାବଧାନରେ ଅଭିଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ଭୂମିପୂଜା,ମହାରୁଦ୍ରମ ପାଇଁ ଭିକ୍ଷା ବୃତ୍ତି,ଅଧିବାଶ, ଦାରୁ ପୂଜା, ସୂର୍ଯ୍ୟ ପୂଜା, ଷୋଡ଼ଶ ଉପଚାର ହୋମ ଯଜ୍ଞ, ଜଳାଭିଷେକ, ଆରତୀ ସହିତ ୧୨୧ ଜଣ ମହିଳା ମାନଙ୍କ ଦ୍ୱାରା ମହାରୁଦ୍ରମ ଜପ କରାଯାଇଥିଲା । ସମିତିର ଆବାହକ ବରେନ୍ଦ୍ର ନାଥ କୁଲ୍ଲାରୀ, ଜିଲ୍ଲା ସଭାପତି ବିପିନ ବିହାରୀ ବେହେରା, ପୂର୍ବତନ ଆବାହକ ସୁଧା ସିନ୍ଧୁ ସାହୁ, ମନ୍ଦିର ପ୍ରତିଷ୍ଠାତା ରାମଚନ୍ଦ୍ର ମାଝି, ବାବାଜୀ ଦେହୁରୀ, ଗୋବିନ୍ଦ ସାମନ୍ତ ରାୟ, ପ୍ରଭାକର ପଢିଆରି, ତପନ ମାଝୀ,ଏକାଦଶ ବେହେରା, ସଞ୍ଜୟ ନାୟକ ଏବଂ ବାଲିଆପାଳ, ଜଳେଶ୍ୱର, ଭୋଗରାଇ ସମିତିର ସମସ୍ତ ସଦସ୍ୟ, ସଦସ୍ୟା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି । ଆସନ୍ତା ୧୯ ତାରିଖରେ ସମିତିର ସମସ୍ତ ସଦସ୍ୟା ମାନଙ୍କୁ ଦ୍ୱାରା ମହିଳା ଦିବସ ଏବଂ ୧୯ ତାରିଖ ଦିନ ବାବାଙ୍କ ଜନ୍ମ ଦିନ ମହାସମାହରେ ପାଳନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

# ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ମହାସମ୍ମିଳନୀ



ଭୁବନେଶ୍ୱର,୧୬।୧୧ ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଚନ୍ଦ୍ରଶେଖରପୁର ସ୍ଥିତ ରେଲୱେ ଅଡିଟୋରିୟମ ଠାରେ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶାର ପ୍ରତ୍ୟେକ ଜିଲ୍ଲାର ବ୍ଲକ ମାନଙ୍କରେ ଥିବା ଆଦର୍ଶ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗଦାନ କରି ଶିକ୍ଷକ ଓ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଅଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ଉଦେଶ୍ୟରେ ୧୩ ଟି ଦାବି ଯଥା- ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଥିବା ସରକାରୀ ହାଇସ୍କୁଲ ଭଳି ଓଡିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ଦେବା, ସମସ୍ତ କର୍ମଚାରୀଙ୍କୁ ୟୁନିଫର୍ମ କ୍ୟାଡର ମାନ୍ୟତା ପ୍ରଦାନ, ସମାନ କାମକୁ ସମାନ ଦରମା- ପିଇଟି, ମ୍ୟୁଜିକ୍ ଓ କମ୍ପ୍ୟୁଟର ଶିକ୍ଷକଙ୍କୁ ଅନ୍ୟ କର୍ମଚାରୀଙ୍କ ପରି ୪୬୦୦ ଗ୍ରେଡ ପେ ପ୍ରଦାନ, ପ୍ରତ୍ୟେକ ଓଏଭିରେ ଗୋଟିଏ ପିଜିଟ୍ ଓଡିଆ ହିନ୍ଦି ଓ ସଂସ୍କୃତ ପିଜିଟ୍ ପୋଷ୍ଟ ସୃଷ୍ଟି ଏବଂ ଏକାଦଶ, ଦ୍ୱାଦଶରେ ସାମିଲ କରିବା, ଆଟର୍ସ ଷ୍ଟ୍ରିମ ଖୋଲିବା, ଆର୍ଟ ଟିଚର ପୋଷ୍ଟକୁ ଟିଜିଟ ମାନ୍ୟତା ଦେବା, ପ୍ରିନ୍ସପାଲମାନଙ୍କର ଗ୍ରେଡ ପେ ସମସ୍ୟା ପ୍ରତି ତତ୍କାଳ ଧ୍ୟାନ ଦେବା ଓ ପ୍ରମୋସନକୁ ଗୁରୁତ୍ୱ ଦେବା, କର୍ମଚାରୀ ସନ୍ତାନ ଓ ସନ୍ତତିଙ୍କ ପାଇଁ ସ୍ଥାନ ସଂରକ୍ଷଣ, କିରାଣୀ କର୍ମଚାରୀଙ୍କୁ ନିୟମିତ କରିବା, ଛାତ୍ରଛାତ୍ରୀମାନଙ୍କୁ ନିଟ୍ ଓ ଜେଇଇ ପରୀକ୍ଷାରେ ୧୫ ପ୍ରତିଶତ ସଂରକ୍ଷଣ ଦେବା, ଛାତ୍ରଛାତ୍ରୀମାନଙ୍କୁ ଏନଏମଏମଏସ ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଅନୁମତି ଦେବା, ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକଙ୍କର ପୂର୍ବସେବା ଅବଧିକୁ ବର୍ତ୍ତମାନ ସେବାରେ ସାମିଲ କରିବା ଓ ପୂର୍ବରୁ ଆଦର୍ଶ ବିଦ୍ୟାଳୟରେ ଟିଜିଟ୍ ଭାବେ କାମ କରି ପୁନର୍ବାର ପିଜିଟ ବାବେ ଯୋଗ ଦେଇଥିବ ଶିକ୍ଷକ ମାନଙ୍କୁ ଚାକିରି ଓ ଦରମାର ସୁରକ୍ଷା ପ୍ରଦାନ, ପ୍ରତ୍ୟେକ ଆଦର୍ଶ ବିଦ୍ୟାଳୟକୁ ପି. ଏମ. ଶ୍ରୀ ମାନ୍ୟତା ପ୍ରଦାନ କରିବା ଆଦି ଦାବି ଗୁଡିକ ଉପସ୍ଥାପନ କରାଯାଇଥିଲା । ଏହି ଦାବି ଗୁଡିକ ଉପରେ ରାଜ୍ୟ ସରକାର ତୁରନ୍ତ ବିଚାରବିମର୍ଶ କରି ପଦକ୍ଷେପ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ୧୫ ଦିନ ଭିତରେ ଯଦି ଏହା ପୁରଣ ନହୁଏ ତାହେଲେ ଶାନ୍ତିପୁର୍ଣ୍ଣ ମହାଆନ୍ଦୋଳନକୁ ସଂଘ ଓହ୍ଲାଇବ ବୋଲି ସଭାପତି ରିପୁଦମନ ସୌରଭ ମିଶ୍ର ଓ ସାଧାରଣ ସମ୍ପାଦକ ଶୁଭାଶିଷ ଦାସ କହିଛନ୍ତି ।

# ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଆରମ୍ଭ ହେବ କ୍ୟାମ୍ପସ କଲିଂ

ଭୁବନେଶ୍ୱର, ୧୬ /୧୧ :(ନି.ପ୍ର) - ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଆରମ୍ଭ ହେବ କ୍ୟାମ୍ପସ କଲିଂ । ଏ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ଚିଠି ଲେଖିଛନ୍ତି । କ୍ୟାମ୍ପସରେ ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ ସେମାନେ ନିର୍ଭୟରେ କିଭଳି କ୍ୟାମ୍ପସ୍ ରେ ପାଠ ପଢିବା ସହ ରହିପାରିବେ ସେଥିପ୍ରତି ପ୍ରାଥମିକତା ଦିଆଯିବ । ନିର୍ଦ୍ଦିଷ୍ଟ ନିୟମାବଳୀ ଜାରି କରାଯିବ । ମହିଳା ସଶକ୍ତିକରଣ, ପୋସ ୨୦୧୩ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ । ପ୍ରତି ଉଚ୍ଚ ଶିକ୍ଷାନୁଷ୍ଠାନରେ ୪ ଜଣ କ୍ୟାମ୍ପସ୍ ରାଷ୍ଟ୍ରଦୂତ ମନୋନୀତ ହେବେ ।

# ଗଣମାଧ୍ୟମ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ ହେବ



ବଡ଼ସାହି,୧୬/୧୧(ନି.ପ୍ର) : ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ଆଜି ପୁରୁଣା ବାରିପଦା ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବଡ଼ସାହି ବ୍ଲକ ତହସିଲଦାର କରୁଣାକର ଧିନ୍ଦା, ମୁଖ୍ୟ ବକ୍ତା ଖୁଣ୍ଟା ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, ସମ୍ମାନିତ ଅତିଥି ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା, ପୁରୁଣା ବାରିପଦା ପଞ୍ଚାୟତର ସରପଞ୍ଚ ଭୋଳାନାଥ ସିଂ ଯୋଗ ଦେଇ ଗଣମାଧ୍ୟମ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ ହେବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରେସ କ୍ଲବର ସଂପାଦକ ଡ଼ଃ କୁମାର ବାବୁଲି ଧନ୍ୟବାଦ ଦେଇଥିଲେ । ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ପ୍ରେସ କ୍ଲବ ପକ୍ଷରୁ ସରକାରଙ୍କ ସୈନ୍ୟ ବିଭାଗରୁ ଅବସର ଗ୍ରହଣ କରିଥିବା ଆଶିଷ କୁମାର ରଥ, ଦିଲ୍ଲୀପ କୁମାର ମଢୁଆଳ, ଶଶିଧର ନାୟକ ଓ ମନମୋହନ ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା । ସଭା ପ୍ରାରମ୍ଭରେ ବିଗତ ଏକ ମାସ ତଳେ ଉଦଳା ଉପଖଣ୍ଡର ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ମହାନ୍ତିଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା । ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳକଣ୍ଠ ବିନ୍ଧାଣୀ, ପ୍ରେସ କ୍ଲବର ସଦସ୍ୟ ଶାନ୍ତନୁ କୁମାର ମଢୁଆଳ, ଚିତ୍ତରଞ୍ଜନ ଦଳେଇ, ସମ୍ବିତ କୁମାର ରାଉତ, ବିଶ୍ୱଜିତ ଦାଶ, ଦୀପକ କୁମାର ଚୌଧୁରୀ, ରଞ୍ଜନ କୁମାର ମଢୁଆଳ, ଯୋଗେଶ୍ୱର ସାହୁ, ସୂର୍ଯ୍ୟକାନ୍ତି ପୁହାଣ, ଜୟନ୍ତ କୁମାର ସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ପାଠପଢ଼ାରେ ଡ଼ୋରି ବାନ୍ଧିବାକୁ ବାଧ୍ୟ ହେଲେ 'ସାଇତା'



ଉଦଳା,୧୬/୧୧(ନି.ପ୍ର) : ଯେ ହେଉଛି କପ୍ତିପଦା ବ୍ଲକର ପଦ୍ମପୋଖରୀ ପଂଚାୟତ ଅ'ର୍ଗତ ଘୋଡ଼ାଗାଧୁଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଗୋପି ନାଇକ ଓ ମାତା- ଚମ୍ପା ନାଇକଙ୍କ ୧୫ ବର୍ଷ ବୟସର କନ୍ୟା 'ସାଇତା' ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ 'ସାଇତା' ଗ୍ରାମ ନିକଟରେ ଥିବା ପଦ୍ମ ପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ ପୁଣି ଥରେ କିପରି ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ସେ ବାଧ୍ୟ ହୋଇଥିବାର ଜଣାଇଛନ୍ତି । ଏହିଭଳି ପିଲାଙ୍କୁ ଖୋଜିଆଣି ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ମୋଟା ଅଙ୍କରେ ଦରମା ନେଇ ଯେଉଁ ସରକାରୀ ବାବୁ ନିଯୁକ୍ତି ପାଇଛନ୍ତି ସେ ତାଙ୍କର କର୍ତବ୍ୟ ଠିକ୍ ଭାବରେ ସମ୍ପାଦନ କରୁନଥିବାର ଏଥିରୁ ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । ତାଛଡ଼ା ଏହି ବୟସର ପିଲାଙ୍କୁ ପାଠ ସହିତ ବାନ୍ଧି ନରଖିବା ଫଳରେ ବାଲ୍ୟ ବିବାହ ଖୁବ୍ ଦୃତ ଗତିରେ ବଢ଼ି ଚାଲିଛି । ବିଭାଗୀୟ କତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଭଦ୍ରକରେ ଜାତୀୟ ପ୍ରେସ ଦିବସ ପାଳିତ



ଭଦ୍ରକ,୧୬/୧୧(ନି.ପ୍ର) : ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଜାତୀୟ ପ୍ରେସ୍ ଦିବସ ଜିଲ୍ଲା ସଂସ୍କୃତି ଭବନ ଠାରେ ପାଳନ କରାଯାଇଛି । ପ୍ରେସ୍ ର ସ୍ୱାଧୀନତା, ପତ୍ରକାରିତାର ସତ୍ୟତା ଓ ଦାୟିତ୍ୱପୂର୍ଣ୍ଣ ସମାଜ ଗଢ଼ିବାରେ ଗଣମାଧ୍ୟମର ଅସମାନ୍ୟ ଭୂମିକାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୧୬ ନଭେମ୍ବରରେ ଏହି ଦିବସ ପାଳନ ହୁଏ । ଦେଶରେ ବଢୁଥିବା ତଥ୍ୟବିକୃତି, ଭ୍ରାନ୍ତିସୂଚନା ଓ ସୋସିଆଲ୍ ମିଡିଆର ଚାପ ମଧ୍ୟରେ ଗଣମାଧ୍ୟମର ବିଶ୍ୱସନୀୟତାକୁ ଶକ୍ତିଶାଳୀ କରିବା ଏହି ବିଷୟର ମୂଳ ଲକ୍ଷ୍ୟ । ଜାତୀୟ ପ୍ରେସ୍ ଦିବସ ଅତୀତକୁ ସ୍ମରଣ କରିବା ପାଇଁ ମାତ୍ର ନୁହେଁ — ଏହା ଗଣମାଧ୍ୟମକୁ ନୀତି, ସତ୍ୟ, ସାହସ ଓ ସାମାଜିକ ଦାୟିତ୍ୱର ପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଥିବା ଦିବସ । ୧୯୬୬ ମସିହାରେ ଏହି ଦିନରେ ପ୍ରେସ୍ କାଉନସିଲ ଅଫ ଇଣ୍ଡିଆ କାର୍ଯ୍ୟକ୍ଷମ ହୋଇଥିବାରୁ ଏହାକୁ ଗଣମାଧ୍ୟମ ଦିବସ ଭାବେ ମାନ୍ୟତା ଦିଆଯାଇଛି । ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଏବଂ ଭଦ୍ରକ ଜିଲ୍ଲାର ଅନେକ ସାମ୍ବାଦିକମାନେ ଉପସ୍ଥିତ ଥିଲେ । ଆଜିର ଆଲୋଚ୍ୟ ବିଷୟ ଝ'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ର ବିଶ୍ୱସନୀୟତା ସଂରକ୍ଷଣ'ଝ ଉପରେ ଉପସ୍ଥିତ ଥିବା ସମସ୍ତ ସାମ୍ବାଦିକ ଓ ଅନ୍ୟ ଅଧିକାରୀମାନେ ନିଜ ନିଜର ମତ ରଖିଥିଲେ ଏବଂ ନିରପେକ୍ଷ ପତ୍ରକାରିତା ପାଇଁ ସମସ୍ତ ସାମ୍ବାଦିକମାନଙ୍କୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ପରାମର୍ଶ ଦେଇଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦାଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ -୨୦୨୫ ପାଳିତ




ବାରିପଦା,୧୬/୧୧(ନି.ପ୍ର) : ଆଜି ବାରିପଦା ଠାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାବନା ସଭା ଗୃହରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୫ ପାଳିତ ହୋଇଛି । ଉକ୍ତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦୀପକ କୁମାର ଗୋଛାୟତ ଯୋଗଦେଇ ଥିଲେ । ପ୍ରାରମ୍ଭରେ ନିମନ୍ତ୍ରିତ ଅତିଥି ବୃନ୍ଦ ଓ ବର୍ଷୀୟାନ ସାମ୍ବାଦିକ ରାମ ଚନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଭକ୍ତି ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ସଭା କାର୍ଯ୍ୟ ଆରମ୍ଭରେ ନିକଟ ଅତୀତରେ ଜିଲ୍ଲାର ୨ଜଣ ସାମ୍ବାଦିକ ଭାଇଙ୍କ ଦେହାନ୍ତ ହୋଇଥିବାରୁ ସେମାନଙ୍କ ଅମର ଆତ୍ମାର ସଦଗତି ଉଦେଶ୍ୟରେ ପ୍ରଭୁଙ୍କ ନିକଟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ନିର୍ଭୀକତା ସହ ନିରପେକ୍ଷ ତଥା ସତ୍ୟନିଷ୍ଠ ସମ୍ବାଦ ପରିବେଷଣ କଲେ ଏହା ଲୋକଙ୍କ ହିତ ସାଧନ କରିଥାଏ । ସେହିପରି ସମ୍ମାନିତ ଅତିଥି ଶ୍ରୀ ଗୋଛାୟତ ତାଙ୍କ ଅଭିଭାଷଣରେ କହିଥିଲେ ଗଣମାଧ୍ୟମ ହେଉଛି ସୁଦୃଢ ଗଣତନ୍ତ୍ରର ଏକ ଅବିଛେଦ୍ୟ ଅଙ୍ଗ । ବର୍ତ୍ତମାନ ସମୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ ଜରିଆରେ ଭ୍ରମାତ୍ମକ ଖବର ସମାଜକୁ କଳୁଷିତ କରୁଛି । ତେଣୁ ଏହାକୁ ସଦା ସର୍ବଦା ପରିହାର କରି ଗଣମାଧ୍ୟମର ପରିଭାଷା କୁ ସୁରକ୍ଷିତ ରଖିବା ଉଚିତ । ଏହି ଅବସରରେ ଚଳିତ ବର୍ଷ ପାଇଁ ପ୍ରେସ କାଉନ୍ସିଲ ଅଫ ଇଣ୍ଡିଆ ପକ୍ଷରୁ ଦିଆଯାଇଥିବା ବିଷୟ ବସ୍ତୁ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ଉପରେ ଗୋଲୋକ ମହାରଣା, ଅରୁଣ ଓଡ୍ରା, ରାମ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ସଦୁଆଲ, ରମାନାଥ ବାରିକ, ମନୋଜ ପଣ୍ଡା,ତୁଷାର ମହାନ୍ତ, ସୁକୁମାର ରଞ୍ଜନ ପ୍ରଧାନ, ପ୍ରତିମା ବାରିକ ପ୍ରମୁଖ ସାମ୍ବାଦିକ ବୃନ୍ଦ ନିଜ ନିଜ ମତାମତ ରଖିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର ବୋଲି କହିଥିଲେ । ତେଣୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କର୍ତ୍ତବ୍ୟ କରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ଜରୁରୀ ବୋଲି ଏହି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ଆନୁକୁଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତର ଗଣମାଧ୍ୟମ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜାତୀୟ ପ୍ରେସ ଦିବସ ପାଳନର ମୁଖ୍ୟ ଉଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉଦଳା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବେତନଟୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ



ବେତନଟୀ,୧୬/୧୧(ନି.ପ୍ର) : ବେତନଟୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ଧର୍ମଶାଳା ଠାରେ ଆୟୋଜିତ ଜାତୀୟ ପ୍ରେସ ଦିବସରେ ମୁଖ୍ୟଅତିଥି ଭାବରେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିବା ବେଳେ ଏହା ରବିବାର ଅପରାହ୍ନ ତିନିଟାରେ ଉଦଯାପିତ ହୋଇଯାଇଛି । ଆୟୋଜକ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ସର୍ବେଶ୍ୱର ମହାନ୍ତଙ୍କ ପୌରହିତ୍ୟ ଏବଂ ଚେୟାରମ୍ୟାନ ବରିଷ୍ଠ ସାମ୍ବାଦିକ ଅଜୟ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତବିଜୁଳିଙ୍କ ସମେତ ମୁଖ୍ୟବକ୍ତା ଭାବେ ଓଡିଶା ଜୋର୍ଣ୍ଣାଲିଷ୍ଟ ୟୁନିୟନ (ଓଜେୟୁ)ର ମୟୁରଭଞ୍ଜ ଜିଲ୍ଲା ସଭାପତି ଦୀପକ କୁମାର ନାୟକଙ୍କ ସମେତ ସମ୍ମାନିତଅତିଥି ଭାବେ ପଦ୍ମମାଳି ମହିଳା ସଂଗଠନର ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି, ସମ୍ବାଦ ସାହିତ୍ୟଘର ସଭାପତି ତଥା କୃଷ୍ଣଚନ୍ଦ୍ରପୁର ହାୟାର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ଡ. ମନ୍ଦାକିନୀ ସାହୁ ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସିନ ଥିଲେ । ବେତନଟୀ ବ୍ଲକ ସାମ୍ବାଦିକ ସଙ୍ଘର ସମ୍ପାଦକ ଅନୁପ ଦଣ୍ଡପାଟଙ୍କ ସଂଯୋଜନା ଏବଂ ବରିଷ୍ଠ ସଦସ୍ୟ ଆଶିଷ କୁମାର ଦାସଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହାପରେ ମଞ୍ଚାସିନ ଅତିଥି ଅଧିକାରୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀସ୍ୱର୍ଗତ ରଞ୍ଜନ କୁମାର ମହାନ୍ତି ଏବଂ ସ୍ୱର୍ଗତ ମଧୁସୂଦନ ଦାଶଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଓ ଧୂପ ଅର୍ପଣ ପୂର୍ବକ ଦିବଂଗତ ଅମରାତ୍ମାର ସଦଗତି କାମନାକରି ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସମାଜରେ ଗଠନମୂଳକ ପରିବର୍ତ୍ତନ ପୂର୍ବକ ସୁଧାର ଆଣିବାରେ ନିଷ୍ଠାପର ସାମ୍ବାଦିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି ମତବ୍ୟକ୍ତ କରିଥିଲେ । ସେହିଭଳି ସାମ୍ବାଦିକଙ୍କ ଦାୟୀତ୍ୱ, କର୍ତ୍ତବ୍ୟ ବାବଦରେ ମୁଖ୍ୟଅତିଥି ବରିଷ୍ଠ ସାମ୍ବାଦିକ ଦୀପକ କୁମାର ନାୟକ ନିଜର ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଦ୍ମମାଳୀ ମହିଳା ସଂଗଠନ ସମେତ ଜୟଶ୍ରୀରାମ ସେନା, ବରିଷ୍ଠ ନାଗରିକ ସଂଘ, ମୟୁର ସାହିତ୍ୟ ସଂସଦ, ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନ ସମେତ ବେତନଟୀ ଏବଂ ଆଖପାଖ ଅଞ୍ଚଳରୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ସଂଗଠନ ଯୋଗଦେଇ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ସମେତ, ବାରିପଦା, ବଡ଼ସାହି, ବୈଶିଙ୍ଗା ପ୍ରଭୃତି ଅଞ୍ଚଳରୁ ସାମ୍ବାଦିକ, ବୁଦ୍ଧିଜୀବୀ, ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ସାହିତ୍ୟ ଏବଂ ସମାଜସେବା ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଦାୟୀତ୍ୱ ନିର୍ବାହ କରୁଥିବା କିଛି ବିଶେଷ ପ୍ରତିଭାଧାରୀଙ୍କୁ ପୁଷ୍ପଗୁଚ୍ଛ, ଉପାୟନ ଏବଂ ମାନପତ୍ର ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣା ଯାଇଥିଲା । ପରିଚାଳନାରେ ଆୟୋଜକ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ । କାର୍ଯ୍ୟକ୍ରମର ସଫଳ ସମାପନ ପରେ ଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଗତିକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

ସୋମବାର, ନଭେମ୍ବର ୧୭, ୨୦୨୫
ଧ୍ୱନି ପ୍ରତିଧ୍ୱନି

# ମା'ବାସୁଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ରଣପୁର ଚାମ୍ପିୟନ



ଖଇରା,୧୬/୧୧(ନି.ପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ରଣପୁର ଖେଳ ପଡିଆରେ ଏକ ଦିବସୀୟ ମା ବାସୁଳୀ ତ୍ରିକେଟ ଟୁର୍ନାମେଣ୍ଟ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ରଣପୁର ଟିମ ବାଙ୍ଗୁରୁ ଟିମକୁ ୬ରନରେ ପରାସ୍ତ କରିଛି । ମା ବାସୁଳି କ୍ଲବ ଆନୁକୂଲ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୁର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ କ୍ରୀଡା ମଣିଷକୁ ସୁସ୍ଥ, ନିରୋଗ ରଖିବା ସହ ଧୈର୍ଯ୍ୟ ଶକ୍ତି ବୃଦ୍ଧି କରେ ଯାହା ଜିବନର ପ୍ରତ୍ୟେକ ମଞ୍ଚପାଇଁ ସଫଳତା ଆଣିଦିଏ । ଖଇରା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବଳରାମ ଲେଙ୍କା ଓ କୋଷାଧକ୍ଷ ଧନଞ୍ଜୟ ପଣ୍ଡା, ଯୁବନେତା ବିଜୟ ବାରିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପୁର୍ବତନ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀଙ୍କ ସମୟରେ ବାଉଁଶ ଗଡିଆ ଭଳି ଅନୁନ୍ନତ ଅଞ୍ଚଳରେ କ୍ରୀଡା, ଗମନାଗମନର ବିକାଶ ସହିତ ୯୦କୋଟି ଟଙ୍କା ବିନିଯୋଗ କରାଯାଇ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଇଥିବାର ପ୍ରକାଶ କରିଥିଲେ। ବିଜୟୀ ଟିମକୁ ଟ୍ରଫିସହ ୫ହଜାର ଓ ରନର୍ସ ଅପ ଟିମକୁ କପ ସହ ୩ହାଜର ଟଙ୍କା ପ୍ରଦାନ କରାଯାଇଥିଲା । ବାସୁଳି କ୍ଲବର ସଦସ୍ୟ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡିଶା ସାମ୍ବାଦିକ ସଙ୍ଘ ପାରାଦୀପ ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ




ପାରାଦୀପ,୧୬/୧୧(ନି.ପ୍ର) : ଓଡିଶା ସାମ୍ବାଦିକ ସଙ୍ଘ ପାରାଦୀପ ଶାଖା ପକ୍ଷରୁ ଆଜି ଅଟଳ ବିହାରୀ ବଜପେୟୀ ଟ୍ରଷ୍ଟ ପରିସରରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି । ଓଜେୟୁ ପାରାଦୀପ ଶାଖାର କାର୍ଯ୍ୟକାରୀ ସଭାପତି ଆଲୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟେଜିତ ସଭାରେ ଓଡିଶା ସାମ୍ବାଦିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯୋଧନ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଗଣଅଧିକାରର ସମ୍ପାଦକ ଚିତ୍ତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଓଜେୟୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର କୁମାର ବିଶ୍ୱାଳ, ଜିଲ୍ଲା ଶାଖାର କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ଖୁଣ୍ଟିଆ, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଧ୍ରୁବ ଚରଣ ମହାପାତ୍ର, ଶରତ ଚନ୍ଦ୍ର ରାଉତ ଓ ଅଜିତ କୁମାର ଦାସ ପ୍ରମୁଖ ମଂଚାସୀନ ଥିଲେ। ଦେଶରେ ସାମ୍ବାଦିକ ବର୍ତ୍ତମାନ ପ୍ରାୟ ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି । ଗୋଟିଏ ପକ୍ଷ ସଖି କଣ୍ଢେଇ ଭଳି କର୍ପୋରେଟ ଜଗତ ହାତରେ ଥିବା ବେଳେ ଅନ୍ୟ ପକ୍ଷଟି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛନ୍ତି। ନିରପେକ୍ଷ ସାମ୍ବାଦିକତା ଦିନକୁ ଦିନ ଧୂଳିସାତ ହେଉଛନ୍ତି । ଯାହାକି ସମଗ୍ର ଦେଶ ତଥା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି । ଅନ୍ୟ ପକ୍ଷରେ ସୋସିଆଲ ମିଡିଆ ଦେଶର ସାମ୍ବାଦିକତା କ୍ଷେତ୍ରରେ ଆଉ ଏକ ନୂଆ ରୂପରେ ଉଭା ହୋଇଛି । ଏଥି ଦ୍ୱାରା ପ୍ରିଣ୍ଟ ମିଡିଆର ଆଦର ଆଉ ଆଗ ଭଳି ନାହିଁ । ଗଣତନ୍ତ୍ରର ଅଘୋଷିତ ୪ର୍ଥ ସ୍ତମ୍ଭରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନେ ନିଜ ଜୀବନକୁ ବିପନ୍ନ କରି ନିଷ୍ପାପର ଭାବେ ସମ୍ବାଦ ସଂଗ୍ରହ ସମୟରେ କିମ୍ବା ପରିବେଷଣ କରିବା ପରେ ଆକ୍ରମଣ ବା ଧମକର ଶୀକାର ହେଉଥିବା ସ୍ଥଳେ ସେମାନେ କାର୍ଯ୍ୟ କରୁଥିବା ସଂସ୍ଥା ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରୁନାହାନ୍ତି । ଏପରି ପରିସ୍ଥିତିରୁ ଦେଶକୁ ରକ୍ଷା କରିବାକୁ ହେଲେ ସାମ୍ବାଦିକ ମାନଙ୍କୁ ଯଥେଷ୍ଟ କଷ୍ଟ ଓ ତ୍ୟାଗ ସ୍ୱୀକାର କରିବାକୁ ପଡିବ। ଗଣମାଧ୍ୟମର ମାଲିକ ମାନେ ସାମ୍ବାଦିକ ମାନଙ୍କ ଠାରୁ ସମସ୍ତ ସୁବିଧା ସୁଯୋଗ ହାସଲ କରିଥିଲେ ମଧ ସେମାନଙ୍କ ବଞ୍ଚିବା ପାଇଁ କୌଣସି ଆଶାନୁରୂପକ ପଦକ୍ଷେପ ଗ୍ରହଣ କରୁ ନଥିବା ନେଇ ଉପସ୍ଥିତ ସାମ୍ବାଦିକ ମାନଙ୍କ ମଧରେ ଉଦବେଗ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ସମସ୍ତ ସାମ୍ବାଦିକ ମାନଙ୍କୁ ଏଖାଟି କରି ନିଜର ଦାବୀ ହାସଲ ପାଇଁ ଲଢେଇ ହେବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲା । ସମ୍ପାଦକ ସମୀର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧରେ ଓଜେୟୁ ପାରାଦୀପ ଶାଖା ପ୍ରଶାନ୍ତ ଦାସ, ସୁଶୀଲ ପଟ୍ଟନାୟକ, ନିରଞ୍ଜନ ଆଚାର୍ଯ୍ୟ, ପୁରୁଷୋତ୍ତମ ଶତପଥି, ସନ୍ତୋଷ କୁମାର ବେହେରା, ସୁଦର୍ଶନ ବିଶ୍ୱାଳ ଓ ପ୍ରଶାନ୍ତ ରାଉତଙ୍କ ସହିତ ବହୁ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କର୍ମେଶ୍ୱର ସ୍ୱାଇଁ ଓ ସୁଧାଂଶୁ ଶେଖର ପୃଷ୍ଟି ପରିଚାଳନା କରିଥିଲେ ।

# ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଦୁଇଦିନିଆ ପ୍ରେସ ଦିବସ ଉଦଘାଟିତ



ଜଳେଶ୍ୱର,୧୬/୧୧(ନି.ପ୍ର) : ଜଳେଶ୍ୱର ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଆଜି ପୂର୍ବାହ୍ନ ୧୧ଟା ସମୟରେ ଦୁଇଦିନିଆ ପ୍ରେସ ଦିବସ ସମାରୋହ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଯୋଗ ଦେଇ ଏହି ସମାରୋହକୁ ଉଦଘାଟନ କରିଥିଲେ। ସମାରୋହରେ ସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ସଂଘର ଉପଦ୍ଦେଷ୍ଟା ତଥା ବରିଷ୍ଠ ବିଜେପି ନେତା ସମୀର ପାତ୍ର, ଡ. ଅଜିତ୍ କୁମାର ମହାନ୍ତି, ମାସ୍ କଲେଜର ପ୍ରତିଷ୍ଠାତା ଆଦିକନ୍ଦ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ କରିଥିବା ବେଳେ ଗୋପବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହ ପରେ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ଜୁନିଅର ଓ ସିନିଅର ବିଭାଗରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଆଦିକନ୍ଦ ଦାସ ବିଚାରକ ଭାବେ ଯୋଗଦେଇ ଥିଲେ। ସେହିପରି ଅପରାହ୍ନରେ ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କୁ ନେଇ ଜୁନିଅର ଓ ସିନିଅର ବିଭାଗରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ବରେନ୍ଦ୍ର ମହାନ୍ତି,ନିମାଇଁ ଚରଣ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ସାମ୍ବାଦିକା କବିତା ବାଳା ମାନ୍ଧାତା, ଅର୍ଜୁନ ସିଂହ, ସମ୍ପାଦକ ସତ୍ୟବ୍ରତ ପ୍ରଧାନ, ଆଶିଷ ଗିରି, ରାଜେଶ ପ୍ରଧାନ, ରଞ୍ଜନ ବେହେରା,ବିନୟ ପ୍ରଧାନ, ସୁବ୍ରତ ଘୋଷ, ନବୀନ ସାହୁ, ବିଶ୍ୱଜିତ ଧଳ,ସେକ ହସିରୁଦ୍ଦିନ ବକ୍ସ, ପ୍ରଦୀପ ଜେନା, ଆଲୋକ ଘଡେଇ, ଭୋଳାନାଥ ସିଂହ,ସେକ ଅଫସର ଅଲ୍ଲୀ ପ୍ରମୁଖ ପରିଚାଳନା କରିଥିଲେ।

# ଖଇରା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ




ଖଇରା,୧୬/୧୧(ନି.ପ୍ର) : ବାଲେଶ୍ୱର ଜିଲା ଅଧୀନ ଖଇରା ସାମ୍ବାଦିକ ସଂଘ ପକ୍ଷରୁ ଖଇରା ସାମ୍ବାଦିକ ପ୍ରକୋଷ୍ଠ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ସଙ୍ଘର ସଭାପତି ଉତ୍କଳବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଡିଶା ସାମ୍ବାଦିକ ୟୁନିୟନର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅନାମ ଚରଣ ପଣ୍ଡା, ଉପଦେଷ୍ଟା କୈଳାସ ଚନ୍ଦ୍ର ଦାସ, ଉପସଭାପତି ତପୋଧନ ବାରିକ, କୋଷାଧକ୍ଷ ଧନଞ୍ଜୟ ପଣ୍ଡା, ମନୋଜ ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ସତ୍ୟଭାମା ପ୍ରଧାନ, ଦେବବ୍ରତ ଦାସ, ସଞ୍ଜୟ କୁମାର ବେହେରା, ଲୋଚନ ରାଉତ, ରଘୁନାଥ ସାମଲ, ଛାୟାକାନ୍ତ ମହାନ୍ତି, ନିଶିକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ଙ୍କର ସମାଜ ପ୍ରତି ଥିବା ଉତ୍ତରଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାର ତୁରନ୍ତ ପେନସନ ବ୍ୟବସ୍ଥା ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ବୈଠକରେ ଦାବି କରାଯାଇଥିଲା । ସାଧାରଣ ସମ୍ପାଦକ ବଳରାମ ଲେଙ୍କା ବିବରଣୀ ପାଠ ଓ କୋଷାଧକ୍ଷ ଧନଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସଭାଆରମ୍ଭରେ ଦିବଂଗତ ସଦସ୍ୟ କିଶୋର କୁମାର ବେହେରାଙ୍କ ଉଦ୍ଦେଶ୍ୟରେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

# ଏଫ୍ ଆଲୁମିନି ଦ୍ୱାରା ଡ.ପ୍ରହ୍ଲାଦ ମହାନ୍ତିଙ୍କ ସ୍ମୃତି ସଭା



ବାଲେଶ୍ୱର,୧୬/୧୧(ନି.ପ୍ର) : ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ତରଫରୁ ସଂସଦର ବରିଷ୍ଠ ତଥା ସଂସଦ ର ପ୍ରତିଷ୍ଠାତା ସଏଦସ୍ୟ ସ୍ୱର୍ଗତ ପ୍ରହଲ୍ଲାଦ ଚରଣ ମହାନ୍ତି ଙ୍କ୍ଉଦେଶ୍ୟ ରେ ଏକ ସ୍ମୃତି ଚାରଣ ଓ ଶୋ ଦେକ ସଭା ଡା ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ସଂସଦ କାର୍ଯ୍ୟଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଡା ଚୌଧୁରୀ, ପ୍ରଫେସର ଶତ୍ରୁଘନ ମଲ୍ଲିକ, ପ୍ରଫେସର ଅଜୟ ପଟନାୟକ, ଯଶୋଦା ନନ୍ଦନ ଆଶ, ରମାକାନ୍ତ ମହାନ୍ତି କଲ୍ୟାଣୀ ନନ୍ଦ, ମଧୁସୂଦନ ବେହେରା ପ୍ରାଣୀତା ମିଶ୍ର, ଶରତ ଚନ୍ଦ୍ର ମିଶ୍ର ଲକ୍ଷ୍ମୀନାରାୟଣ ଘୋଷ, ଗୋପାଳ ଜେନା, ଦେବାଶିଷ ପାଣି ପ୍ରଭୁତି ସ୍ୱର୍ଗତ ମହାନ୍ତି ଙ୍କ ବିଷୟରେ ସ୍ମୃତି ଚାରଣ କରିଥିଲେ । ଶେଷ ରେ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ତାଙ୍କର ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଆବୁଧାବି କଣ୍ଟ୍ରି କ୍ଲବରେ ୧୧ତମ ବାର୍ଷିକ ସାଂସ୍କୃତିକ ଉତ୍ସବ ପାଳିତ




ଭୁବନେଶ୍ୱର,୧୬/୧୧(ନି.ପ୍ର) : ପ୍ରବାସୀ ଓଡିଆ ସମାଜ ଆବୁ ଧାବି (POSA) ଦ୍ୱାରା ୯ ନଭେମ୍ବରରେ ଆବୁଧାବି କଣ୍ଟ୍ରି କ୍ଲବ୍‌ରେ ଉତ୍ସାହପୂର୍ଣ୍ଣ ଭାବରେ ୧୧ତମ ବାର୍ଷିକ ସାଂସ୍କୃତିକ ଉତ୍ସବ – ୨୦୨୫ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡିଆ ପରିବାର, କଳାକାର, ସମୁଦାୟ ସଦସ୍ୟ ଓ ସମର୍ଥକମାନେ ଏକତ୍ରିତ ହୋଇ ସଂସ୍କୃତି, ପରମ୍ପରା ଓ ଏକତାର ଅନୁଭବ କରିଥିଲେ। ଉତ୍ସବର ଆରମ୍ଭରେ ଚଡଂଫଇ ଅଧ୍ୟକ୍ଷ ଶ୍ରୀ ସତ୍ୟଜିତ ସାହୁ ଅତିଥିମାନଙ୍କୁ ଅଭିନନ୍ଦନ ଜଣାଇ, ପ୍ରବାସରେ ଓଡିଆ ସଂସ୍କୃତିକୁ ଅବିଚଳ ଭାବେ ଅନୁସରଣ କରିଥିବା ନେଇ ସମୁଦାୟର ପ୍ରଶଂସା କରିଥିଲେ। ତାପରେ ସାଧାରଣ ସଚିବ ଶ୍ରୀ ସୁରଜ କୁମାର ପରିଡା ଚଡଂଫଇ-ର ବାର୍ଷିକ କାର୍ଯ୍ୟନିଷ୍ପତ୍ତି ଓ ସଫଳତାମୂଳକ ପ୍ରୟାସଗୁଡିକ ଉପସ୍ଥାପନ କରିଥିଲେ। ସମାଜସେବା, ସାଂସ୍କୃତିକ ଅବଦାନ ଏବଂ ସମୁଦାୟ ଭାଗିଦାରି ବୃଦ୍ଧି ପାଇଁ ଚଡଂଫଇ-ର ବିଭିନ୍ନ ପଦକ୍ଷେପକୁ ସେ ଲୋକମାନଙ୍କ ସମ୍ମୁଖରେ ରଖିଥିଲେ। ସମଗ୍ର ସାଂସ୍କୃତିକ କାର୍ଯ୍ୟକ୍ରମଟି ସାଂସ୍କୃତିକ ସଚିବା ଶ୍ରୀମତୀ ସିବାନୀ କରଙ୍କ ଦକ୍ଷ ନିୟନ୍ତ୍ରଣରେ ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ଓଡିଶା ଓ UAE ର କଳାକାରମାନଙ୍କ ନୃତ୍ୟ, ସଙ୍ଗୀତ ଓ କଳା ପ୍ରଦର୍ଶନରେ ଦର୍ଶକମାନେ ହୃଦୟଭରି ସ୍ୱୀକାର କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରୀ ପ୍ରଭାତ ଗିରି ଦ୍ୱାରା ଅତି ଭାବପୂର୍ଣ୍ଣ ଭାବେ ଧନ୍ୟବାଦ ଜଣାଉଥିବା ଭାଷଣ ପ୍ରଦାନ କରାଯାଇଥିଲା, ଯେଉଁଠାରେ ସେ ସମସ୍ତ ଅଂଶଗ୍ରାହୀ, ସେବକ, ପ୍ରଯୋଜକ ଓ ସମର୍ଥକଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ଏହି ଉତ୍ସବକୁ ଶୋଭାୟମାନ କରିଥିଲେ ଚଡଂଫଇ ନେତୃତ୍ୱଦଳ ଓ ପରାମର୍ଶଦାତା ମାନେ- କୋଷାଧକ୍ଷ ଶ୍ରୀ ରାକେଶ ସାହୁ, ପରାମର୍ଶଦାତା ଶ୍ରୀ ଜ୍ଞାନ ମହାନ୍ତି, ଶ୍ରୀମତୀ ମୌସୁମୀ ମହାନ୍ତି, ଏବଂ ଶ୍ରୀ ସୁସିମ୍ ଅମିତାଭ ସ୍ୱାଇଁଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ସାରଗର୍ଭୀ କରିଥିଲା। ସର୍ବସାରେ, ଏହି ଉତ୍ସବ POSA-ର ପ୍ରମୁଖ ଲକ୍ଷ୍ୟ- ପ୍ରବାସରେ ଓଡିଆ ସଂସ୍କୃତିକୁ ସୁରକ୍ଷା, ସମ୍ବର୍ଦ୍ଧନ ଓ ଗର୍ବ ସହ ଉପସ୍ଥାପନକୁ ଅଭୁତ ଭାବେ ପ୍ରକାଶ କରିଲା।

# ପ୍ରେସ କ୍ଲବ ଉତ୍ତର ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ସଙ୍ଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ




ବସ୍ତା,୧୬/୧୧ (ନିପ୍ର): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ପ୍ରେସ କ୍ଲବ ଉତ୍ତର ବାଲେଶ୍ୱରର ଜିଲ୍ଲା ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ନେଇ ରବିବାର ବାହାର୍ଦ୍ଦା ଡାକବଙ୍ଗଳା ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ବୈଠକରେ କ୍ଲବର ଶିରିଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ କରି ଆଜିର ଏହି ସାଂପ୍ରତିକ ପରିସ୍ଥିତିରେ ସମାଜରେ ସାମ୍ବାଦିକଙ୍କ ଉପରେ ବଢ଼ି ବଢ଼ି ଚାଲିଥିବା ଆକ୍ରମଣ ବିରୁଦ୍ଧରେ ସରକାର ଏକ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ ।ମୁଖ୍ୟ ଅତିଥି ଭାବରେ ବସ୍ତା ଏସଡ଼ିପିଓ ମାନସ ରଞ୍ଜନ ଦେଓ, ସଂମ୍ମାନିତ ଅତିଥି ସୁମନ୍ତ କୁମାର ଜେନା, ମୁଖ୍ୟବକ୍ତା ଅବସରପ୍ରାପ୍ତ ସିଦ୍ଧେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଅକ୍ଷୟ କୁମାର ପରିଡା, ବରିଷ୍ଠ ସଦସ୍ୟ ସୁଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ସାମ୍ବାଦିକ ମାନେ ସମସ୍ତ ମନାନ୍ତର ଏବଂ ମତାନ୍ତରକୁ ପଛରେ ପକାଇ ସାଂପ୍ରତିକ ପରିସ୍ଥିତିରେ ସମସ୍ତେ ଏକ ହୋଇ ଛିଡା ହେବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ ବୋଲି ବକ୍ତବ୍ୟ କରିଥିଲେ ।ଭବିଷ୍ୟତରେ ଯଦି କୌଣସି ସାମ୍ବାଦିକ ଆକ୍ରୋଶର ଶିକାର ହୁଏ ତେବେ ସେ କ୍ଷେତ୍ରରେ ସମସ୍ତ ସାମ୍ବାଦିକ ଏକ ହୋଇ ତାହାର ଉଚିତ ଜବାବ ଦେବେ ଏବଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ମର୍ଯ୍ୟାଦା କିପରି କ୍ଷୁର୍ଣ୍ଣ ନ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବେ ବୋଲି ବୈଠକରେ ଆଲୋଚନା ହୋଇଥିଲା ।ଏହା ପରେ ଉପସ୍ଥିତ ଅନ୍ୟ ସାମ୍ବାଦିକମାନେ ନିଜ ନିଜର ଅଭିଭାଷଣ ରଖିଥିଲେ। ଅତିଥି ପରିଚୟ ସଂଘର ସଦସ୍ୟ ମାନସ ରଞ୍ଜନ ବେହେରା କରିଥିବା ବେଳେ ମଞ୍ଚ ପାରିଚାଳାନା ସୁଶାନ୍ତ ପ୍ରଧାନ କରିଥିଲେ। ଶେଷରେ ସଂଘର ବରିଷ୍ଠ ସଦସ୍ୟ ସୀତାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଘର ସଦସ୍ୟ ଜଗତ କୁମାର ଗିରି, ଚାନସେଲର ରାଉତ, ଲକ୍ଷ୍ମୀଧର ପ୍ରଧାନ, ସନ୍ତୋଷ ନାୟକ,ସେକ ଆଜାରୁଦିନ, ଜୟନ୍ତ କୁମାର ବେହେରା, ପ୍ରତିମା ଜେନା,ସନମ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ଲଙ୍ଗଳେଶ୍ୱର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

- ବୃକ୍ଷ ରୋପଣ ଓ ରକ୍ତ ଦାନ ଶିବିର
- ସ୍ୱଚ୍ଛ ଓ ନିରପେକ୍ଷ ସମ୍ବାଦ ପରିବେଷଣରେ ସୁସ୍ଥ ସମାଜ ଗଠନ ହୋଇପାରିବ
- ସାମ୍ବାଦିକଙ୍କ ସୁରକ୍ଷା ସରକାରଙ୍କ ଦାୟିତ୍ୱ




ବାଲିଆପାଳ,୧୬/୧୧(ନି.ପ୍ର) : ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର କାଳିଝାଟି ପଡ଼ିଆ ଠାରେ ରବିବାର ପୂର୍ବାହ୍ନରେ ଲଙ୍ଗଳେଶ୍ୱର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କ୍ଲବର ସମ୍ପାଦକ କମଳାକାନ୍ତ ଦାସଙ୍କ ତତ୍ୱାବଧାନରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ରାଧା ଗୋବିନ୍ଦ ଦାସ ସଭାପତିତ୍ୱ କରିଥିଲେ। ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ସାମ୍ବାଦିକ ମାନେ ନିର୍ଭୀକ ହୋଇ ସ୍ୱଚ୍ଛ ଏବଂ ସତ୍ୟ ଖବର ପରିବେଷଣ କଲେ ସମାଜର ଭ୍ରଷ୍ଟାଚାର ଦୂର ହୋଇ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବସ୍ତା ଅଞ୍ଚଳର ସମାଜସେବୀ ଓ ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା ଯୋଗଦେଇ ସାମ୍ବାଦିକ ମାନଙ୍କର ସୁରକ୍ଷା ସରକାରଙ୍କ ଦାୟିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତା ଏସଡିପିଓ ମାନସ କୁମାର ଦେଓ, ବାଲିଆପାଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଜିଲ୍ଲା ପରିଷଦ ନିଶାକର ସେଠି, କଇନଗରି ସରପଞ୍ଚ ରାଧାବଲ୍ଲଭ ମଣ୍ଡଳ,ବଣିଆଡିହା ସରପଞ୍ଚ କାଳିଚରଣ ଜେନା, ପୂର୍ବତନ ଜିଲ୍ଲା ପରିଷଦ ମହେଶ୍ୱର ଜେନା, ପୂର୍ବତନ ବ୍ଲକ ଅଧକ୍ଷ ଅଶ୍ୱିନୀ ଜେନା, ସମାଜସେବୀ ଯୋଗେନ୍ଦ୍ର ରାଜ, ଭଜହରୀ ପରିଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବାଲେଶ୍ୱର ରେଡ଼କ୍ରସ ଦ୍ୱାରା ବିଦ୍ୟାଳୟ ପରିସରରେ ରକ୍ତ ଦାନ ଶିବିର ଆୟୋଜନ କରାଯାଇ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏହି ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫରୟୁ ଫାଉଣ୍ଡେସନ ଜଳେଶ୍ୱର,ଚନ୍ଦ୍ର ଶେଖର ଆଜାଦ ଫାଉଣ୍ଡେସନ ବାଲିଆପାଳ, ହରପାର୍ବତୀ କ୍ଲବ୍ ଲଙ୍ଗଳେଶ୍ୱର, ସୋସିଆଲ ହେଲ୍ପ ଭଅଁରେଶ୍ୱର, ଶ୍ରୀ ହରିରାମ ଟ୍ରଷ୍ଟ ରାଇପୁର, କୈବଲ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ କରୁଆ, ଆଦର୍ଶ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା, ପ୍ରଦୀପ ଦାସ, ଖବରକାଗଜ ବିତରକ ବଂଶୀଧର ଜେନା, ଦିଲ୍ଲୀପ ପ୍ରଧାନ, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, ସାମ୍ବାଦିକ ପ୍ରଫୁଲ୍ଲ ପାତ୍ର, ଆଶିଷ ସାହୁ, ଉମାକାନ୍ତ ନାୟକ, ଉମାକାନ୍ତ ମହାନ୍ତି, ହରେକୃଷ୍ଣ ଦାସଙ୍କୁ ସମାଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା। କବ୍ଲର ସଦସ୍ୟ ପ୍ରଦୀପ ଜେନା ଅତିଥି ପରିଚୟ କରିଥିବା ବେଳେ ରାଜକିଶୋର ପ୍ରାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ପ୍ରେସ କ୍ଲବର ଉପଦେଷ୍ଟା ମୁରଲୀ ଧର ଦାସ, ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ,ତ୍ରୀଲୋଚନ ରାଉତ, ଗୋପୀ କୃଷ୍ଣ ପଣ୍ଡା, ଦିଲୀପ ଜେନା, ସୁବାସ ଦାସ୍ ଅମୂଲ୍ୟ ଦାସ,ସତ୍ୟ ରଞ୍ଜନ ସାହୁ, ରୋହିତ ପାଢୀ,ପ୍ରୀୟ ରଞ୍ଜନ ପାତ୍ର, ଜୟନ୍ତ ବେହେରା, ଲକ୍ଷ୍ମୀ ଧର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida